ସାଧାରଣ ଲୋକଙ୍କ ଖବରକାଗଜ
# ପର୍ଯ୍ୟବେକ୍ଷକ 25
PARYABEKHYAK
पर्यवेक्षक
Vol.26 . No.146 Bhubaneswar Monday July 17 2023 | ୨୬ତମ ବର୍ଷ ସଂଖ୍ୟା-୧୪୬ ଭୁବନେଶ୍ୱର, ସୋମବାର, ଜୁଲାଇ ୧୭, ୨୦୨୩ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹ 1.50 | (Air Surcharge - 0.50P) | Member-INS

## ଲଘୁଚାପ ପ୍ରଭାବରେ ୨୦ ଯାଏଁ ରାଜ୍ୟରେ ପ୍ରବଳ ବର୍ଷିବ

ଭୁବନେଶ୍ୱର, ୧୬।୭(ପି.ଏନ): ଘୂର୍ଣ୍ଣିବଳୟ ପ୍ରଭାବରେ ସୃଷ୍ଟି ହେଲା ଲଘୁଚାପ। ଉତ୍ତର ଓଡିଶା-ପାର୍ଶ୍ୱବର୍ତ୍ତୀ ପଶ୍ଚିମବଙ୍ଗ ଉପତ୍ୟକାରେ ଲଘୁଚାପ ସୃଷ୍ଟି ହୋଇଛି। ପଶ୍ଚିମବଙ୍ଗ ଉପତ୍ୟକା ଓ ଝାଡଖଣ୍ଡ ଅଞ୍ଚଳରେ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଲଘୁଚାପ ପ୍ରଭାବରେ ଆସନ୍ତା ୫ ଦିନ ଧରି ସାରା ରାଜ୍ୟରେ ପ୍ରବଳ ବର୍ଷା ସମ୍ଭାବନା ରହିଛି।ବର୍ଷା ଆସନ୍ତା ୨୦ ତାରିଖ ପର୍ଯ୍ୟନ୍ତ ଲାଗି ରହିବ। ସେଥିପାଇଁ ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ସୂଚନା ଜାରୀ କରିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ଜାରୀ କରିଥିବା ବୁଲେଟିନ୍? ଅନୁସାରେ ଆସନ୍ତାକାଲି ସକାଳ ସାଢ଼େ ୮ଟା ପର୍ଯ୍ୟନ୍ତ ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, ବରଗଡ, ନୂଆପଡା, ସୋନପୁର, ବଲାଙ୍ଗିର ଓ



ଦେବଗଡ ଜିଲ୍ଲାରେ କେତେକ ସ୍ଥାନରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଏହି ସବୁ ଜିଲ୍ଲାରେ ୭ରୁ ୨୦ ସେଣ୍ଟିମିଟର ପର୍ଯ୍ୟନ୍ତ ବର୍ଷା ହୋଇପାରେ। ସେଥିପାଇଁ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି।

### କଂଗ୍ରେସ ସହିତ ଅଛି : ମୋକିମ୍

ଭୁବନେଶ୍ୱର, ୧୬।୭(ପି.ଏନ): ଦଳରୁ ନିଲମ୍ବିତ ହେବା ପରେ ପ୍ରତିକ୍ରିୟା ରଖିଛନ୍ତି କଟକ -ବାରବାଟୀ ବିଧାୟକ ମହମ୍ମଦ ମୋକିମ। ସେ କହିଛନ୍ତି ସେମିତି କିଛି କରିନି, ଯେଉଁଥିରେ ଜଣେ ସିଟିଂ ବିଧାୟକଙ୍କୁ ସସ୍‌ପେଣ୍ଡ କରାଯିବ। ଜାନକୀ-ବସନ୍ତଙ୍କ ସଂପର୍କରେ ଆଲୋଚନାଚକ୍ର ଆୟୋଜନ କରିଥିଲୁ । ଉକ୍ତ କାର୍ଯ୍ୟକ୍ରମରେ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ରହିଥିଲେ । ସେହିପରି ନିଲମ୍ବନ ପରେ କଂଗ୍ରେସ ଛାଡ଼ିବା ପ୍ରଶ୍ନର ଉତରରେ ମୋକିମ କହିଛନ୍ତି ଆଜି ଶରତ ପଟ୍ଟନାୟକ ସଭାପତି ଅଛନ୍ତି, କାଲି ଆଉ କିଏ ଥିବେ। କଂଗ୍ରେସ କୌଣସି ବ୍ୟକ୍ତିଗତ ଦଳ ନୁହେଁ, ଏହା ସାମୁହିକ ଦଳ। କାହାପାଇଁ କାହିଁକି କଂଗ୍ରେସ ଛାଡ଼ିବି। ମୁଁ କଂଗ୍ରେସ ସହିତ ଅଛି।

## ଶରଦଙ୍କୁ ଭେଟିଲେ ବିଦ୍‌ରୋହି ଅଜିତ୍ ଓ ଟିମ୍; ଆଶୀର୍ବାଦ ମାଗିଲେ



ନୂଆଦିଲ୍ଲୀ, ୧୬।୭(ପି.ଏନ): କିଛି ଦିନ ତଳେ ଏନ୍‌ସିପିରେ ବିଦ୍‌ରୋହ କରି ମହାରାଷ୍ଟ୍ରରେ କ୍ଷମତା ପାଇବାର ବିରାଟ ନାଟକ କରି ସଫଳ ହୋଇଥିବା ଅଜିତ୍ ପାୱାର ଗୋଷ୍ଠୀ ପୁଣି ଆଜି ଏକ ରାଜନୈତିକ ମହାନାଟକ କରିଛନ୍ତି। ମହାରାଷ୍ଟ୍ର ମୌସୁମୀ ଅଧୀବେସନ ଗୋଟିଏ ଦିନ ପୂର୍ବରୁ ଅର୍ଥାତ୍ ଆଜି ସମସ୍ତ ଏନ୍‌ସିପି ମନ୍ତ୍ରୀଙ୍କ ସହ ସେ ଦାଦା ଶରଦ ପାୱାରଙ୍କୁ ଭେଟିଛନ୍ତି। ଦିଲ୍ଲୀ ସ୍ଥିତି ଶରଦଙ୍କ ଆବାସିକ କାର୍ଯ୍ୟାଳୟ ଠାରେ ଏହି ଭେଟଘାଟ ହୋଇଛି। ସେଠାରେ ଅଜିତ୍ ଓ ତାଙ୍କ ବିଦ୍ରୋହି ନେତାମାନେ ଶରଦଙ୍କ ଠାରୁ ଆଶୀର୍ବାଦ ନେଇଛନ୍ତି।ଏନେଇ ବରିଷ୍ଠ ନେତା ପ୍ରଫୁଲ୍ଲ ପଟେଲ କହିଛନ୍ତି ଯେ, ଆମେ ଆମ ଭଗବାନଙ୍କ ଠାରୁ ଆଶୀର୍ବାଦ ନେବାକୁ ଆସିଥିଲୁ। ଏନ୍?ସିପିରେ ଏକତା ରକ୍ଷା କରିବାକୁ ତାଙ୍କୁ ଅନୁରୋଧ କରିଥିଲୁ। ମାତ୍ର ସେ କୌଣସି ପ୍ରତିକ୍ରିୟା ରଖିନଥିଲେ।

### ହିମାଚଳରେ ଫସି ରହିଥିବା ଉତର ପ୍ରଦେଶର ୨୯୯ ଲୋକ ସୁରକ୍ଷିତ ଫେରିଲେ

ଲକ୍ଷ୍ନୌ, ୧୬।୭(ପି.ଏନ): ଭୀଷଣ ବର୍ଷା ଏବଂ ଭୂ-ସ୍ଖଳନ ଘଟଣାରେ ହିମାଚଳ ପ୍ରଦେଶରେ ଫସି ରହିଥିବା ଉତର ପ୍ରଦେଶର ୩୨୯ ଲୋକଙ୍କ ମଧ୍ୟରୁ ୨୯୯ ଜଣ ସୁରକ୍ଷିତ ଭାବେ ନିଜ ଘରକୁ ଫେରିଛନ୍ତି । ଅନ୍ୟମାନେ ମଧ୍ୟ କିଭଳି ସୁରକ୍ଷିତ ଭାବେ ନିଜ ନିଜ ଘରକୁ ଫେରିବେ ସେନେଇ ପ୍ରୟାସ ଜାରୀ ରହିଛି ।ସୂଚନା ମୁତାବକ, ଉତର ପ୍ରଦେଶର ମୋଟ୍ ୩୨୯ ଜଣ ଲୋକ ନିକଟରେ ପର୍ଯ୍ୟଟନ ଓ ଅନ୍ୟ କାରଣ ପାଇଁ ହିମାଚଳ ପ୍ରଦେଶ ଯାଇଥିଲେ । ତେବେ ସେଠାରେ ଭୀଷଣ ବର୍ଷା, ଭୂ-ସ୍ଖଳନ ଏବଂ ବନ୍ୟାରେ ଏମାନେ ଫସି ରହିଥିଲେ । ଏନେଇ ସୂଚନା ମିଳିବା ପରେ ସେମାନଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର ପାଇଁ ରାଜ୍ୟ ସରକାର ଏବଂ ହିମାଚଳ ସରକାର ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଚଳାଇଥିଲେ । ବର୍ତ୍ତମାନ ସୁଦ୍ଧା ୩୨୯ ଲୋକଙ୍କ ମଧ୍ୟରୁ ୨୯୯ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯିବା ସହ ସେମାନେ ନିଜ ନିଜ ଘରକୁ ଫେରିଛନ୍ତି ।

### ଜେଲ୍ ରେ ବିଚାରଧୀନ କଏଦୀଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୬।୭(ପି.ଏନ): ଭଞ୍ଜନଗର ସ୍ୱତନ୍ତ୍ର ଉପକାରାଗାର ପରିସରରେ ଜଣେ ବିଚାରାଧୀନ କଏଦୀଙ୍କର ଶନିବାର ମୃତ୍ୟୁ ଘଟିଛି। ମୃତକ ହେଲେ ବେଲଗୁଣ୍ଠା ଥାନା ତନରଡା ଗ୍ରାମର ଚରଣ ବେହେରା (୪୦) । ସୂଚନା ଅନୁଯାୟୀ, ଚରଣଙ୍କୁ ବେଲଗୁଣ୍ଠା ପୁଲିସ ଚାରି ଦିନ ତଳେ ଚୋରି ସଂକ୍ରାନ୍ତୀୟ ଏକ ମାମଲାରେ ଗିରଫ କରି ଭଞ୍ଜନଗର ଜେଲକୁ ପଠାଇଥିଲା।

### ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୬ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

-ପ୍ରକାଶକ

## ରାଜ୍ୟର ୬୪ ବିଧାୟକଙ୍କ ବିରୋଧରେ ରହିଛି ଅପରାଧିକ ମାମଲା, ଜଣଙ୍କ ନାଁରେ ଅଛି ଦୁଷ୍କର୍ମ ଅଭିଯୋଗ

ଭୁବନେଶ୍ୱର, ୧୬।୭(ପି.ଏନ): ଓଡିଶାର ୬୪ ଜଣ ବିଧାୟକଙ୍କ ବିରୋଧରେ ରହିଛି ଅପରାଧିକ ମାମଲା। ସେମାନଙ୍କ ମଧ୍ୟରୁ ଜଣେ ବିଧାୟକଙ୍କ ନାଁରେ ଦୁଷ୍କର୍ମ ଅଭିଯୋଗ ରହିଛି। ଆସୋସିଏସନ ଫର ଡେମୋକ୍ରେଟିକ ରିଫର୍ମ ବା ଏଡିଆର ପକ୍ଷରୁ ପ୍ରକାଶିତ ରିପୋର୍ଟରେ ରହିଛି ଏହି ତଥ୍ୟ।ଦେଶର ୨୮ଟି ରାଜ୍ୟ ଓ ୨ଟି କେନ୍ଦ୍ର ଶାସିତ ଅଂଚଳର ବିଧାୟକଙ୍କ ପକ୍ଷରୁ ସତ୍ୟପାଠ ଜରିଆରେ ଘୋଷଣା କରାଯାଇଥିବା ଅପରାଧିକ ପୃଷ୍ଠଭୂମି ବିବରଣୀକୁ ବିଶ୍ଲେଷଣ କରାଯାଇ ଏଡିଆର ପକ୍ଷରୁ ଏହି ରିପୋର୍ଟ ପ୍ରସ୍ତୁତ କରାଯାଇଛି।ଏହି ରିପୋର୍ଟ ଅନୁସାରେ, ଓଡିଶାର ୧୪୫ ଜଣ ବିଧାୟକଙ୍କ ବିବରଣୀକୁ ବିଶ୍ଲେଷଣ କରାଯାଇଛି। ସେମାନଙ୍କ ମଧ୍ୟରୁ ୬୪ ଜଣଙ୍କ ନାଁରେ ଅପରାଧିକ ମାମଲା ରହିଛି। ଅର୍ଥାତ୍ ରାଜ୍ୟର ୪୪% ବିଧାୟକଙ୍କ ନାଁରେ ଅପରାଧିକ ମାମଲା ରହିଛି। ସେମାନଙ୍କ ମଧ୍ୟରୁ ୪୬ ଜଣ ବିଧାୟକଙ୍କ ବିରୋଧରେ ଗମ୍ଭୀର ଅପରାଧିକ ମାମଲା ରହିଛି। ଅର୍ଥାତ୍ ୩୨% ବିଧାୟକଙ୍କ ନାଁରେ ଗମ୍ଭୀର ଅପରାଧିକ ମାମଲା ରହିଛି।

## ୫ଟି ସଚିବଙ୍କ ସଭାରେ ଉଡିଲା ଚେୟାର !

ଭୁବନେଶ୍ୱର, ୧୬।୭(ପି.ଏନ): ୫ଟି ସଚିବ ଭି.କେ ପାଣ୍ଡିଆନ୍?ଙ୍କ ସମ୍ବଲପୁର ସଭାରେ ଉଡିଲା ଚେୟାର ! ସଭା ସରିବା ପରେ ଛାତ୍ରଛାତ୍ରୀ ଚେୟାର ଫିଙ୍ଗାଫିଙ୍ଗି ଓ ମୁଥ ମରାମରି ହେଲେ। ଯାହାର ଭିଡିଓ ଏବେ ସୋଶାଲ୍? ମିଡିଆରେ ଭାଇରାଲ୍? ହେଉଛି। ତେବେ ଏହି ଗଣ୍ଡଗୋଳ କ'ଣ ପାଇଁ ହେଲା, ତାହା ଜଣାପଡିନଥିଲେ ମଧ ଅଚାନକ ଇଣ୍ଟରନାଲ୍? ପରୀକ୍ଷା ବାତିଲ ଯୋଗୁ ସଭାରେ ଏପରି ବିଶୃଙ୍ଖଳା ସୃଷ୍ଟି ହୋଇଥିବା ଆଲୋଚ଼ନା ହେଉଛି। ୫ଟି ସଚିବ ଭି.କେ ପାଣ୍ଡିଆନ୍ ଶନିବାର ସମ୍ବଲପୁର ଜିଲ୍ଲା ଗସ୍ତରେ ଯାଇଥିଲେ। ସେଥିପାଇଁ



ଧନକଉଡାରେ ଆୟୋଜନ ହୋଇଥିଲା ଭବ୍ୟ ସଭା। ସଭାକୁ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଓ ଜିଲ୍ଲାର ବିଭିନ୍ନ କଲେଜର ଛାତ୍ରଛାତ୍ରୀମାନଙ୍କୁ ଅଣାଯାଇଥିଲା। ୫ଟି ସଚିବ ଭି.କେ ପାଣ୍ଡିଆନ୍ ସଭା ସ୍ଥଳରେ ପହଞ୍ଚି ପ୍ରଥମେ ଉଦ୍‌ବୋଧନ ଦେଇଥିଲେ। ତା'ପରେ ସ୍ୱୟଂସହାୟଗ ଗୋଷ୍ଠୀର ମହିଳା ଓ କଲେଜ ଛାତ୍ରଛାତ୍ରୀଙ୍କ ସହିତ ଭାବ ବିନିମୟ କରିଥିଲେ। ସଭା ପରେ ୫ଟି ସଚିବ ଭି.କେ ପାଣ୍ଡିଆନ୍ ଚାଲି ଯାଇଥିଲେ।

### ଅଜଣା ଗାଡ଼ି ଧକ୍କାରେ କାର ଭାଙ୍ଗି ଚୁରମାର, ଡିଭାଇଡରରେ ଚଢିଲା କାର, ଚାଳକ ଆହତ

କୋରେଇ, ୧୬।୭(ପି.ଏନ): ପାଣିକୋଇଲି ଥାନା ଅନ୍ତର୍ଗତ ୨୦ ନମ୍ବର ଜାତୀୟ ରାଜପଥର ପାଣିକୋଇଲି ଯାଜପୁରରୋଡ ରାସ୍ତାର ପାଣିକୋଇଲି ବଜାର ଡ଼ିସିବି ବ୍ୟାଙ୍କ ସମ୍ମୁଖରେ ଆଜି ଅଜଣା ଗାଡି ଧକ୍କାରେ କାର ଚୁରମାର ହୋଇଥିଲେ ହେଁ ଅଳ୍ପକେ ଯାତ୍ରୀ ବଂଚିଯାଇଛନ୍ତି । ଯାଜପୁର ରୋଡର ଚୋରଦ୍ୱା ନିବାସୀ ଲମ୍ବୋଧର ରାଉତ(୪୩) ନିଜ କାର (ଓଡ଼ି ୦୨ଏନ୩୯୯୯) ଭୁବନେଶ୍ୱରରୁ ଯାଜପୁର ରୋଡ଼ ଯାଉଥିବା ବେଳେ ଏକ ଅଜଣା ଗାଡ଼ି ଧକ୍କା ଦେବାରୁ କାରର ପଛ ପଟ ସମ୍ପୂର୍ଣ୍ଣ ରୁପେ ଭାଙ୍ଗିରୁଜି ଯାଇଛି। ଖବର ପାଇ ପାଣିକୋଇଲି ଥାନାର କର୍ମଚାରୀ ସ୍ୱୟଂ ପ୍ରକାଶ ନାୟକ, ବନିତା ଦଳେଇ,ଗୋଲକ ବିହାରୀ ସେଠୀ ଓ ଆମେ ଆପଣଙ୍କ ପାଇଁ ହେଲପିଙ୍ଗ ଗ୍ରୁପର ସଦସ୍ୟ ଅଶୋକ କୁମାର ଦାସ,ସୋଭିନ ପରିଡ଼ା,ସୁନୀଲ ଓଝା ଓ ପ୍ରଦୀପ ମାଝୀ ପ୍ରମୁଖ ଉଦ୍ଧାର କାର୍ଯ୍ୟରେ ସହାୟତା କରିଥିଲେ। ସୌଭାଗ୍ୟ ବଶତଃ ଲମ୍ବୋଦର ଆହତ ହୋଇ ବର୍ତି ଯାଇଥିବା ବେଳେ ଦୁର୍ଘଟଣା ଘଟାଇଥବା ଗାଡିଟି ଫେରାର ହୋଇଯାଇଛି । ଫେରାର ଗାଡିକୁ ଧରିବା ପାଇଁ ପୁଲିସ ନିକଟସ୍ଥ ସିସିଟିଭି ଫୁଟେଜ ଯାଂଚ କରୁଛି ।

## ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ କାଉଡିଆ ମୃତ, ୫ ଗୁରୁତର

ନୂଆଦିଲ୍ଲୀ, ୧୬।୭(ପି.ଏନ): ଉତ୍ତର ପ୍ରଦେଶର ମେରଠ ଜିଲ୍ଲାର ରାଲି ଚୌହାନ ଗାଁରେ ଶନିବାର ୧୧ କେଭି ବିଦ୍ୟୁତ୍ ତାର ସଂସ୍ପର୍ଶରେ ଆସି ୫ ଜଣ କାଉଡିଆଙ୍କ ମୃତ୍ୟୁ ଘଟିଛି। ଆଉ ୫ ଜଣ କାଉଡିଆ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଏହି କାଉଡିଆମାନେ ଜଳଲାଗି ପାଇଁ ହରିଦ୍ୱାରରୁ ଗଙ୍ଗା ନଦୀରୁ ପାଣି ନେଇ ଗାଡିରେ ଆସୁଥିଲେ। ସେମାନଙ୍କ ଗାଡି ରାଲି ଚୌହାନ ଗାଁ ଅତିକ୍ରମ କରୁଥିବା ବେଳେ ତାହା ତଳକୁ ଓହଳି ରହିଥିବା ଏକ ୧୧ କେଭି ବିଦ୍ୟୁତ୍ ତାରରେ ଘସି ହୋଇଯାଇଥିଲା।ବିଦ୍ୟୁତ୍ ଝଟକାରେ



ମନୀଷ ନାମକ ଜଣେ କାଉଡିଆଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଆଉ ୪ ଜଣଙ୍କୁ ଡାକ୍ତରଖାନାରେ ମୃତ ଘୋଷଣା କରାଯାଇଥିଲା। ୫ ଗୁରୁତରଙ୍କୁ ପୃଥକ ପୃଥକ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୨ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା ଜଣାପଡିଛି।

## ଦିଲ୍ଲୀରେ ବନ୍ୟା ସ୍ଥିତି ଏବେବି ସଙ୍ଗୀନ ରହିଛି, ଅନେକ ଲୋକ ଜଳବନ୍ଦୀ

ନୂଆଦିଲ୍ଲୀ, ୧୬।୭(ପି.ଏନ): ଦିଲ୍ଲୀରେ ବନ୍ୟା ସ୍ଥିତି ଏବେବି ସଙ୍ଗୀନ ରହିଛି। ଯମୁନାର ଜଳସ୍ତର ହ୍ରାସ ପାଇଥିଲେ ମଧ ଦିଲ୍ଲୀରେ ଜଳବନ୍ଦୀ ଜୀବନରୁ ମିଳିଲାନି ମୁକ୍ତି। ଜଳସ୍ତର କମିଥିଲେ ବି ଯମୁନା ଏବେବି ବିପଦ ସଙ୍କେତ ଉପରେ ପ୍ରବାହିତ। ଗତକାଲି ସନ୍ଧ୍ୟାରେ ବର୍ଷା ଦିଲ୍ଲୀର ଦୁର୍‌ଦଶାକୁ ଆହୁରି ବଢାଇ ଦେଇଛି। ସରକାରଙ୍କ ପକ୍ଷରୁ ଜଳବନ୍ଦୀ ସମସ୍ୟାର ସମାଧାନ ପାଇଁ ଜୋରସୋର ଉଦ୍ୟମ କରାଯାଉଛି।ଦିଲ୍ଲୀର ବିଭିନ୍ନ ସ୍ଥାନରେ ପାଣିରେ ପାଣିରେ ଲୋକେ ବିତିଲେଣି



ପାଞ୍ଚ ଦିନ। ତଥାପି ହୋଇପାରିଲାନି ସମସ୍ୟାର ସମାଧାନ। ଜଳବନ୍ଦୀ ଜୀବନରୁ ଦିଲ୍ଲୀବାସୀଙ୍କୁ ନାହିଁ ନିସ୍ତାର। ଦିଲ୍ଲୀରେ ଶନିବାର ସନ୍ଧ୍ୟାରେ ପୁଣି ପ୍ରବଳ ବର୍ଷା ସ୍ଥିତିକୁ ସାଂଘାତିକ କରିଛି, ଲୋକଙ୍କ ଦୁର୍‌ଦଶାକୁ ଦ୍ୱିଗୁଣିତ କରିଛି।

## ଚାକିରି ନାଁରେ ଠକେଇ ଘଟଣା, ୯ ଦଲାଲଙ୍କୁ ଗିରଫ କଲା ବାଲେଶ୍ୱର ପୋଲିସ

ବାଲେଶ୍ୱର, ୧୬।୭(ପି.ଏନ): ଚାକିରି ନାଁରେ ଠକେଇ ଘଟଣା । ଦୀଘାର ଏକ ହୋଟେଲରେ ଚଢାଉ କରି ୯ ଜଣ ଦଲାଲଙ୍କୁ ଗିରଫ କରିଛି ବାଲେଶ୍ୱର ପୋଲିସ । ଠକଙ୍କ ନିକଟରୁ ୮୮ପରୀକ୍ଷାର୍ଥୀଙ୍କୁ ଉଦ୍ଧାର କରାଯାଇଛି । ପିଲାଙ୍କଠାରୁ ୮ରୁ ୧୬ଲକ୍ଷ ଯାଏ ଟଙ୍କା ନେଇଥିଲେ ଦଲାଲ । ଠକେଇ ଗ୍ୟାଙ୍ଗରେ ଓଡ଼ିଶା, ଆନ୍ଧ୍ର ଓ ବିହାର ଅଭିଯୁକ୍ତ ସମ୍ପୃକ୍ତ ଥିଲେ । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଓଡ଼ିଶା, ଆନ୍ଧ୍ର ଓ ବିହାରର ଜଣେ ଲେଖାଏଁ ରହିଛନ୍ତି ।ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ଜଣେ ମହିଳା ଥିବା ସୂଚନା ଦେଇଛନ୍ତି ବାଲେଶ୍ୱର ଏସପି ସାଗରିକା ନାଥ ।ତେବେ ପ୍ରଶ୍ନ ପତ୍ର ଲିକ୍ ହୋଇନି । ଏହା ଏକ ଜବ୍ ଫ୍ରଡ ସ୍କାମ ବୋଲି କହିଛନ୍ତି ଏସପି ।ଯେଉଁ ରାଜ୍ୟରେ ପରୀକ୍ଷା, ତା ବାହାର ରାଜ୍ୟରେ ଆଶାୟୀଙ୍କୁ ଟ୍ରାପ୍ କରନ୍ତି ଅଭିଯୁକ୍ତ ।ପ୍ରଶ୍ନପତ୍ର ଯୋଗାଇ ଦେବାକୁ କହି ପରୀକ୍ଷାର୍ଥୀଙ୍କୁ ଠକନ୍ତି ।ଅଭିଯୁକ୍ତଙ୍କ ଠାରୁ ଗାଡ଼ି, ଟଙ୍କା, ମୋବାଇଲ ଜବତ କରାଯାଇଛି । ସହଦେବଖୁଣ୍ଟା ଆଇଆଇସିଙ୍କ ନେତୃତ୍ୱରେ ଠକଙ୍କୁ ଧରାଯାଇଛି । ଜବ ଫ୍ରଡ ସ୍କାମ ଉପରୁ ପରଦା ଉଠାଇଛି ବାଲେଶ୍ୱର ପୋଲିସ ।

## ମୁକୁଳା ଡ୍ରେନ ପୁଣି ନେଲା ଜୀବନ : କଟକ ସହରରେ ଘଟିଲା ଅଘଟଣ



କଟକ, ୧୬।୭(ପି.ଏନ): ରାଜ୍ୟରେ ଲାଗି ରହିଛି ପ୍ରବଳ ବର୍ଷା । ଏଥିଯୋଗୁଁ ସହରର ଚାରିଆଡେ ପାଣିରେ ଭର୍ତ୍ତି ହୋଇରହିଛି । ଏନେଇ କଟକର ନିମାସାହିରେ ଘଟିଛି ଏକ ଅଘଟଣ । ସହରର ଚାରିଆଡେ ପାଣି ଥିବାରୁ ମୁକୁଳା ଡ୍ରେନରେ ପଡି ଯୁବକଙ୍କ ମୃତ୍ୟୁ । ମୃତକ ଯୁବକଙ୍କ ନାମ ରାହୁଲ ବୋଲି ଜଣାପଡିଛି । ସୂଚନା ଅନୁଯାୟୀ, ଗତ କିଛି ଦିନ ହେବ ଲଗାଣ ବର୍ଷା ଯୋଗୁଁ ନଦୀ ଓ ଜଳାଶୟରେ ପାଣିର ମାତ୍ରା ବୃଦ୍ଧି ପାଇ ରାସ୍ତା ଉପରକୁ ପାଣି ମାଡି ଆସିଛି । କଟକରେ ପାଣିର ସ୍ତର ଏତେ ମାତ୍ରାରେ ବୃଦ୍ଧିପାଇଛି ଯେ, ରାସ୍ତା ଘାଟ ଏବଂ ନାଳ ନର୍ଦ୍ଦମା କିଛି ବି ଜଣା ପଡୁ ନାହିଁ । ଏଭଳି ସ୍ଥିତିରେ କଟକ ନିମାସାହିର ବର୍ଷା ପାଣି ଭର୍ତ୍ତୀ ଡ୍ରେନରେ ପଡିଯାଇଥିଲେ ଯୁବକ । ଯାହାଫଳରେ ରାହୁଲଙ୍କର ମୃତ୍ୟୁ ଘଟିଛି ।

## ଖାଲି ପରିବା ନୁହେଁ, ହୁ ହୁ ହୋଇ ବଢୁଛି ଚାଉଳ ଓ ଡାଲି ଦର

ଭୁବନେଶ୍ୱର, ୧୬।୭(ପି.ଏନ): ସାଧାରଣ ଖାଉଟିଙ୍କ ପକେଟକୁ ସାଂଘାତିକ ଭାବେ ମାଡ କଲାଣି ବେଲଗାମ ଦର ବୃଦ୍ଧି। ପନିପରିବାଠୁ ଧରି ଆତ୍ୟବଶ୍ୟକ ଖାଦ୍ୟ ସାମଗ୍ରୀ, ଯେମିତିକି ଚାଉଳ, ଡାଲି ଓ ମସଲା ସାମଗ୍ରୀ ସବୁ କିଛି ଏବେ ମଧବିତ୍ତ ଓ ଗରିବଙ୍କ ବଜେଟ୍ ଭିତରେ ନଥିବା ଭଳି ଲାଗୁଛି। ଏଥିପାଇଁ ସରକାରଙ୍କ ଦୂରଦୃଷ୍ଟିର ଅଭାବକୁ ବ୍ୟବସାୟୀ ମହାସଂଘ ଦାୟୀ କରିଛି। ଗତ ତିନିମାସ ଭିତରେ ଚାଉଳ କ୍ୱିଣ୍ଟାଲ ପିଛା ଦର ବ?ିଲାଣି ୭୦୦ରୁ ୮୦୦ ଟଙ୍କା। ଅର୍ଥାତ୍ ଯେଉଁ ଚାଉଳ କିଲୋ ପିଛା ୨୫ ଟଙ୍କାରେ ମିଳୁଥିଲା, ତା ଏବେ ୩୨ରୁ ୩୫ଟଙ୍କା ପହଞ୍ଚିଲାଣି। ଆଖି ପିଛୁଳାକେ ରେଟ୍ ୧୫ରୁ ୨୦ ପ୍ରତିଶତ ବଢି ଯାଇଛି। ତଥ୍ୟ କହୁଛି ଚାଉଳ ଦର ୧୧ ବର୍ଷର ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ସେମିତି ୧୦୦ରୁ ୧୧୦ ଟଙ୍କାରେ ମିଳୁଥିବା ହରଡ ଡାଲି ଏବେ



ଦେଢ଼େ ଶହ ପାର୍ କଲାଣି। ମୁଗ, ବୁଟ ଓ ବିରି ଡାଲି ଯେମିତି ହରଡ ଡାଲି ପିଛା ଧରିଛନ୍ତି। ତରକାରୀ ହାଣ୍ଡିର ସୁଆଦ ବଢ଼ାଉଥିବା ମସଲାର ମୁଖ୍ୟ ଆଇଟମ୍ ଜିରା, ଗୋଲମରିଚ୍, ଗୁଜୁରାତି ଦର ମଧ ଏବେ ଅମୂଲ ମୂଲ। ଦୁଇ ମାସ ତଳେ କିଲୋ ଅଢ଼େଇ ଶହରୁ ୩ଶହ ଟଙ୍କାରେ ମିଳୁଥିବା ଜିରା ଏବେ ଛୁଇଁଲାଣି ୭ ଶହ। ସେମିତି ଅଦା ୩୦୦ ଟଙ୍କାରୁ ତଳକୁ ଖସୁନି ତ ରସୁଣ କିଲୋ ୨୦୦ ଉପରେ। ସେହିପରି ଗହମ ଜାତ ସାମଗ୍ରୀ ଅଟା, ସୁଜି, ମଇଦା ରେଟ୍ ଉପର ମୁହାଁ ହେବାରେ ଲାଗିଛି। ଏକଦା ଚାଉଳର ବଳକା ରାଜ୍ୟ ଭାବେ ଗଣାଯାଉଥିବା ଓଡିଶାରେ ଏଭଳି ସ୍ଥିତିକୁ ନେଇ ସାଧାରଣ ଖାଉଟୀଙ୍କଠୁ ବ୍ୟବସାୟୀ ଯାଏଁ ସମସ୍ତେ ଚିନ୍ତାରେ। ସୂଚନା ଅନୁସାରେ ଗତ ଦୁଇ ହଜାର ମସିହାରେ ଓଡିଶାରେ ୪୬.୧୪ ଲକ୍ଷ ମେଟ୍ରିକ ଟନ ଚାଉଳ ଉତ୍ପାଦନ ହେଉଥିଲା। ୨୦୨୨ ସୁଦ୍ଧା ଏହା ଅଢେଇ ଗୁଣ ବଢ଼ି ୧୧୫ ଲକ୍ଷ ମେଟ୍ରିକ ଟନରେ ପହଞ୍ଚିଛି। ତଥାପି ଦର ନିୟନ୍ତ୍ରଣ ବାହାରକୁ ଯିବା ନେଇ ସିଧା ସରକାରଙ୍କ ଯୋଗାଣ ନୀତିକୁ ଦାୟୀ କରିଛି ବ୍ୟବସାୟୀ ମହାସଂଘ। ସେପଟେ କଟକ ଚାମ୍ବର ଅଫ୍? କମର୍ସ କହିଛି, ବିଭିନ୍ନ ଅତ୍ୟାବଶ୍ୟକ ସାମଗ୍ରୀର ବେଲଗାମ ଦର ବୃଦ୍ଧିର ମୁଖ୍ୟ କାରଣ ବଡ ବଡ ମଲ୍? ଓ ଷ୍ଟୋର। ଉତ୍ପାଦନ ଆରମ୍ଭରୁ ସେମାନେ ସାମଗ୍ରୀ କିଣି ମହଜୁଦ୍ କରି ରଖୁଥିବାରୁ ବଜାରରେ ଅଭାବ ପଡୁଛି। ଯାହାଦ୍ୱାରା ସେମାନେ ବେଶ ଲାଭବାନ ହେଉଥିବା ବେଳେ ଗରିବ ଓ ମଧବିତ୍ତ ଲୋକେ ମହଙ୍ଗା ମାଡରେ ସନ୍ତୁଳି ହେଉଛନ୍ତି।

## ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀର ବରିଷ୍ଠ ବିଜେଡି ନେତା ବିଜେପିରେ ସାମିଲ

ଭୁବନେଶ୍ୱର, ୧୬।୭(ପି.ଏନ): ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ନିଳାଦ୍ରୀପ୍ରସାଦ ଗ୍ରାମ ପଂଚାୟତର ପୂର୍ବତନ ସରପଂଚ ପ୍ରଶାନ୍ତ ସାହୁଙ୍କ ନେତୃତ୍ୱରେ ବରିଷ୍ଠ ବିଜେଡି ନେତା ପ୍ରଦୀପ କୁମାର ଜାନି, ନାରାୟଣ ସାହୁ, ପିତବାସ ନାୟକ, ପ୍ରକାଶ ଚନ୍ଦ୍ର ପଟ୍ଟନାୟକ, ପ୍ରଫୁଲ୍ଲ ରାଉତ, ରମେଶ ବେହେରା, ପବିତ୍ର ଜାନି, ଦିଗାମ୍ବର ସାମନ୍ତରାୟ, ସୁକଦେବ ଲେଙ୍କା ପ୍ରମୁଖ ନିଜ ନିଜ ଶତାଧିକ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ଭାରତୀୟ ଜନତା ପାର୍ଟୀରେ ସାମିଲ ହୋଇଛନ୍ତି। ଶନିବାର ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ମନମୋହନ ସାମଲ, ରାଷ୍ଟ୍ରୀୟ ମୁଖପାତ୍ର ଡା.ସମ୍ବିତ ପାତ୍ର, ରାଜ୍ୟ ସାଧାରଣ ସଂପାଦକ ପୃଥ୍ୱୀରାଜ ହରିଚନ୍ଦନଙ୍କ ଉପସ୍ଥିତିରେ ସେମାନେ ଦଳରେ ଯୋଗଦେଇଥିଲେ। ସାମିଲ ହୋଇଥିବା ସମସ୍ତ ସଦସ୍ୟଙ୍କୁ ରାଜ୍ୟ ସଭାପତି ଓ ରାଷ୍ଟ୍ରୀୟ ମୁଖପାତ୍ର ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ କରିଥିଲେ।ରାଜ୍ୟରେ ଗଣତନ୍ତ୍ର ବ୍ୟବସ୍ଥା ସଂପୂର୍ଣ୍ଣ ଭୁଷୁଡି ପଡିଛି । ବ୍ୟାପକ ଦୁର୍ନୀତି ଓ ଭ୍ରଷ୍ଟାଚାର ରାଜ୍ୟର ବିକାଶରେ ବଡ ବାଧକ ସାଜିଛି । ମୋଦି ସରକାରଙ୍କ ଉପରେ ସାଧାରଣ ଜନତାଙ୍କ ଆସ୍ଥା ବୃଦ୍ଧି ପାଇଚାଲିଛି । ଆଗାମୀ ଦିନରେ ଓଡିଶାରେ ମଧ ଭାରତୀୟ ଜନତା ପାର୍ଟୀ ନିଶ୍ଚିତ ଭାବେ ଡବଲ୍ ଇଂଜିନ ସରକାର ଗଠନ କରିବ । ଆଜିର ଏହି ମିଶ୍ରଣ ପର୍ବ ପାର୍ଟୀର ସଂଗଠନକୁ ଆହୁରି ସୁଦୃଢ଼ କରିବ ବୋଲି ରାଜ୍ୟ ସଭାପତି ଶ୍ରୀ ସାମଲ କହିଛନ୍ତି । ଏହି ମିଶ୍ରଣ ପର୍ବ ଅବସରରେ ଖୋର୍ଦ୍ଧା ଜିଲ୍ଲା ସଭାପତି ରଶ୍ମିରଞ୍ଜନ ମହାପାତ୍ର, ଜିଲ୍ଲା ଉପସଭାପତି ବିଜୟ ବିଶ୍ୱାଳ, ଜିଲ୍ଲା ସାଧାରଣ ସଂପାଦକ ଦୁଷ୍ମନ୍ତ ହରିଚନ୍ଦନ, ବିଦ୍ୟୁତ କାଣ୍ଡି, ଚିଲିକା ବ୍ଲକ ଅଧକ୍ଷା ଶ୍ରୀମତୀ ଜ୍ୟୋସ୍ନାରାଣୀ ବେହେରା, ବାଣପୁର ବ୍ଲକ ଅଧକ୍ଷ ଅମରେନ୍ଦ୍ର ରଣସିଂହ, ଜିତେନ୍ଦ୍ର କୁମାର ଭୋଳ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ ।








## ଟି ଟାଇମ୍

## ବର ମାରେ ୩ଥର ଶର



ବିଭିନ୍ନ ଦେଶରେ ଭିନ୍ନ ଭିନ୍ନ ଜାତିର ଲୋକ ବାସ କରନ୍ତି । ଏଥିପାଇଁ ସମସ୍ତଙ୍କର ରୀତିନୀତି ମଧ୍ୟ ଭିନ୍ନ ଭିନ୍ନ । ବିବାହ ସମୟରେ ପାଳନ କରାଯାଉଥିବା ପରମ୍ପରା ମଧ୍ୟ ଅନେକ ପ୍ରକାର ରହିଥାଏ । ବିବାହକୁ ନେଇ ଚୀନ୍‌ରେ ଏକ ଭିନ୍ନ ପରମ୍ପରା ରହିଛି । ଚୀନ୍‌ର ୟୁଗୁର ସମ୍ପ୍ରଦାୟରେ ଦୁଇ ଦିନ ପର୍ଯ୍ୟନ୍ତ ଚାଲିଥିବା ଏହି ବିବାହ ମହୋତ୍ସବରେ ପ୍ରଥମେ ପ୍ରଥମେ ବଡ଼ ଧୁମ୍‌ଧାମ୍‌ରେ ବର ବଧୂଙ୍କର ବିବାହ କରାଯାଇଥାଏ । ପରେ ଏଠାରେ ରୀତିନୀତି ଅନୁସାରେ ବରକୁ ତିନିଥର ନିଜ ବଧୂକୁ ଧନୁଶରରେ ମାରିବାକୁ ପଡିଥାଏ । ଭଲକଥା ଏହା ହେଉଛି କି ତୀରର ଅଗ୍ରଭାଗରେ ଲାଗିଥିବା ଲୁହାକୁ କଢାଯାଇଥାଏ । କାରଣ ଏହାଫଳରେ ବଧୂ କିମ୍ବା ଅନ୍ୟ କାହାରିକୁ ଆଘାତ ନଲାଗେ । ଏହାପରେ ବର ଏହି ତୀର ଏବଂ ଧନୁକୁ ଭାଙ୍ଗି ଦେଇଥାଏ । ଏସବୁ ଏଥିପାଇଁ କରାଯାଇଥାଏ କାରଣ ବର ଏବଂ ବଧୂ ବୈବାହିକ ଜୀବନ ସୁଖମୟ ହେବା ସହିତ ସମ୍ପର୍କ ମଜଭୁତ ହୋଇଥାଏ ।

## ମଧୁମେହଜନିତ ଦୃଷ୍ଟିହୀନ ଚିକିତ୍ସାର ନୂଆ ଦିଗ

ମଧୁମେହ ଯୋଗୁଁ ଦୃଷ୍ଟିହୀନତାର ଶିକାର ହେଇଥିବା ରୋଗୀଙ୍କ ଦୃଷ୍ଟିଶକ୍ତି ଫେରାଇ ଆଣିବା ଦିଗରେ ଆମେରିକାର ଗବେଷକମାନେ ନୂଆ ଉପାୟ ବାହାର କରିଛନ୍ତି। ମଧୁମେହ ଯୋଗୁଁ ଚକ୍ଷୁର ଦୃଶ୍ୟପଟଳ (ରେଟିନା) ପ୍ରଭାବିତ ହୋଇ ରୋଗୀ ଦୃଷ୍ଟିଶକ୍ତି ହରାଇଥାଏ। ଦୁର୍ବଳ ରକ୍ତ ଧମନୀରୁ



ରକ୍ତ କିମ୍ବା ଫ୍ଲୁଇଡ ନିର୍ଗତ ହୋଇ ରେଟିନାକୁ କ୍ଷତି ପହଞ୍ଚାଇଥାଏ। ଚକ୍ଷୁର ରକ୍ତ ଧମନୀକୁ (ଲେଜର ସିଲିଂ) ପ୍ରୋଟିନ ଚର୍ବିର ଆବରଣ ଦ୍ୱାରା ସୁରକ୍ଷିତ ରଖିବା ସହିତ ଏହାକୁ ପରିବର୍ତ୍ତନ କରାଗଲେ ଦୃଷ୍ଟିଶକ୍ତି ଫେରିପାରିବ। ଆମେରିକାର ଏକ ଜର୍ଣ୍ଣାଲରେ ପ୍ରକାଶ ପାଇଥିବା ତଥ୍ୟ ଅନୁଯାୟୀ ଜନ ହପକିନ୍ସ ବିଶ୍ୱବିଦ୍ୟାଳୟ ଓ ୟୁନିଭରସିଟି ଅଫ ମେରିଲାଣ୍ଡର ଗବେଷକମାନେ ଏହି ସଫଳତା ପାଇଛନ୍ତି। ଆମେରିକାର ୪୫% ମଧୁମେହ ରୋଗୀ ଦୃଷ୍ଟିହୀନତାର ଶିକାର ହୋଇଥାନ୍ତି। ଲେଜର ସିଲିଂ ଦ୍ୱାରା ଏହାର ଚିକିତ୍ସା କରାଯିବା ସମ୍ଭବ। ନିକଟରେ ବାହାର କରାଯାଇଥିବା କେତେକ ଔଷଧ ଯଥା ବେଭାସିଜୁମାବ, ରାନିବିଜୁମାବ ଓ ଆଫଲିବେରସେପ୍ଟ ଏହି ଚିକିତ୍ସା ପାଇଁ କିଛିଟା ସହାୟକ ହୋଇପାରିଛି।

## ପୁରାଣ କାହାଣୀ

# ମା'କାଳୀ ଓ ରାମକୃଷ୍ଣ ପରମହଂସ

ହିନ୍ଦୁ ଧର୍ମରେ କାର୍ତ୍ତିକ ମାସକୁ ଧର୍ମର ମାସ ବୋଲି କୁହାଯାଏ । କାହିଁକିନା ଏହି ମାସରେ ନାନା ପର୍ବପର୍ବାଣି ପଡ଼ିଥାଏ ଓ ସମସ୍ତେ ଓଷା ବ୍ରତ କରି ପୁଣ୍ୟ ଅର୍ଜନ କରିବାକୁ ଚାହିଁଥାନ୍ତି । ଇତିମଧ୍ୟରୁ କାର୍ତ୍ତିକ ଅମାବାସ୍ୟା ଅନ୍ୟତମ । କାର୍ତ୍ତିକ ଅମାବାସ୍ୟାକୁ ବଡ଼ ଦୀପାବଳି ବୋଲି କୁହାଯାଏ । କାରଣ ଏହି ଦିନ ଲକ୍ଷ୍ମୀ ଓ ଗଣେଷଙ୍କୁ ପୂଜା କରାଯାଏ । ଏହି ଦିନ ମା'ଦୁର୍ଗାଙ୍କ ଚାମୁଣ୍ଡା ବା ଚଣ୍ଡି ରୂପ ଧାରଣ କରି ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦିଙ୍କୁ ବିନାଶ କରି ଦେବଗଣଙ୍କୁ ମୁକ୍ତ କରିଥିଲେ ଓ ଶାନ୍ତି ଫେରାଇ ଆଣିଥିଲେ । ଏଥିପାଇଁ ବାଣ, ରୋଷଣି ଓ ଦୀପାବଳିର ଉତ୍ସବ ମାଧ୍ୟମରେ ଏହି ପର୍ବ ପାଳନ କରାଯାଏ ।



ଚଣ୍ଡିପୁରାଣ ଓ ମାର୍କଣ୍ଡେୟ ପୁରାଣ ଅନୁଯାୟୀ ଶୁମ୍ଭ, ନିଶୁମ୍ଭ, ଚଣ୍ଡ, ମୁଣ୍ଡ ଓ ରକ୍ତବୀର୍ଯ୍ୟ ଇତ୍ୟାଦି ଅସୁରମାନେ ଦେବୀ ଦୁର୍ଗାଙ୍କୁ ଧରିବା ପାଇଁ ସୈନ୍ୟ ସାମନ୍ତ ଧରି ଆସିଥିଲେ । ସେମାନଙ୍କର ଦେବୀ ଦୁର୍ଗାଙ୍କ ସହ ଯୁଦ୍ଧ ମଧ୍ୟ ହେଲା । ସବୁ ରାକ୍ଷସ ମଧ୍ୟରେ ଥିବା ରକ୍ତବୀର୍ଯ୍ୟ ରାକ୍ଷସ ବ୍ରହ୍ମାଙ୍କଠାରୁ ବରଦାନ ପ୍ରାପ୍ତ କରିଥିଲା । ତା'ଶରୀରର ଗୋଟିଏ ରକ୍ତବିନ୍ଦୁ ଭୂମିଷ୍ଠ ହେଲେ ସେଥିରୁ ତା' ଭଳି ଅନେକ ରାକ୍ଷସ ଜନ୍ମନେବେ । ଏପରି ସ୍ଥଳରେ ରକ୍ତବୀର୍ଯ୍ୟର ଉତ୍ପାତକୁ ବିନାଶ କରିବା ପାଇଁ ମା'ଦୁର୍ଗା କାଳୀ ରୂପ ଧାରଣ କରିଥିଲେ ଓ ରକ୍ତବୀର୍ଯ୍ୟର ଗୋଟିଏ ବି ରକ୍ତ ବିନ୍ଦୁ ଭୂମିଷ୍ଠ ହେବାକୁ ଦେଇନଥିଲେ । ସେତେବେଳେ ସେ ଏତେ କ୍ଷୁବ୍ଧ ଥିଲେ ଯେ, ଯେପରି ସବୁ ସୃଷ୍ଟି ଧ୍ୱଂସ ପାଇଯିବ । ଏ ବିଷୟ ମହାଦେବ ଜାଣିପାରି ତାଙ୍କୁ ଅଟକାଇବା ପାଇଁ ତାଙ୍କ ସମ୍ମୁଖରେ ପଡ଼ିଗଲେ । ତଥାପି ସେ ରାଗରେ ଥିବାରୁ ମହାଦେବଙ୍କ ଉପରେ ପାଦ ରଖିଦେଇଥିଲେ । ଯେତେବେଳେ ସେ ଶିବଙ୍କୁ ତାଙ୍କ ପାଦ ତଳେ ଦେଖିବାକୁ ପାଇଲେ ସେତେବେଳେ ହଠାତ ଜିଭ କାମୁଡ଼ି ଦେଇଥିଲେ । ପରେ ସେ ପ୍ରକୃତିସ୍ଥ ଏବଂ ସ୍ଥିତପ୍ରଜ୍ଞ ହୋଇଗଲେ । ମା'ଙ୍କର ସେହି ମହାକାଳୀ ରୂପକୁ ଆଜିର ଦିନରେ ପୂଜା କରାଯାଏ । ସେହି ମା' ହିଁ ଆଦ୍ୟାଶକ୍ତି, ସେ ହିଁ ସୃଷ୍ଟି ଓ ପ୍ରଳୟ । ଯୁଗେ ଯୁଗେ ଦୁଷ୍ଟ ଶକ୍ତିକୁ ସଂହାର କରିବା ପାଇଁ ମା'କାଳୀ ରୂପ ଧାରଣ କରି ଧରା ପୃଷ୍ଠରେ ଅବତରଣ କରନ୍ତି ।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି



କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ବା ୨୦ମିନିଟ୍‌ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

# ସବୁଠାରୁ ଛୋଟିଆ ଗାଁ

ଦୁଇ ତିନି ଜଣ ଲୋକଙ୍କୁ ନେଇ ଗ୍ରାମ ଗଠିତ ହେବା କେବେ ଜାଣିଛନ୍ତି । ସେଭଳି ଏକ ଗ୍ରାମ ଦେଖିବାକୁ ମିଳିଛି ସ୍ପେନ୍‌ରେ । ବିଗତ ୪୫ବର୍ଷ ହେବ ସ୍ୱାମୀ-ସ୍ତ୍ରୀ ହିଁ ରହିଆସୁଛନ୍ତି ସେ ଗ୍ରାମରେ । ସ୍ପେନ୍‌ରେ ୧୯୩୬ ମସିହାରେ ଏକ ଗୃହଯୁଦ୍ଧ ଦ୍ୱାରା ହଜାର ହଜାର ସଂଖ୍ୟାର ଲୋକ ସହରକୁ ପଳାଇଥିଲେ । ସେତେବେଳେ ଏହି ଛୋଟ ଗ୍ରାମରେ କେବଳ ଏହି ଦମ୍ପତି ହିଁ ଏକଲା ରହିଯାଇଥିଲେ । ଏହି ଗ୍ରାମରେ ପୂର୍ବରୁ ପାଖାପାଖି ୨୦୦ଲୋକ ରହୁଥିଲେ । କିନ୍ତୁ ଏବେ ପୂରା ଗ୍ରାମରେ କେବଳ ଦୁଇ ଲୋକ ରହୁଛନ୍ତି । ଏହି ଦମ୍ପତି ହେଉଛନ୍ତି ୮୨ବର୍ଷୀୟ ସ୍ପେନିଆର୍ଡ୍‌ସ ଜୁଆନ ମାର୍ଟିନ୍ ଏବଂ ୭୯ବର୍ଷୀୟା ସିନ୍‌ଫେରେସା କୋଲୋମର । ଏମାନଙ୍କ ପାଖରେ କିଛି ଡଜନ କୁକୁର ଏବଂ ବିଲେଇ ମଧ୍ୟ ରହିଛନ୍ତି । ଏହି ଦୁଇଜଣ ଚାଷ କରି ନିଜର ଗୁଜୁରାଣ ମେଣ୍ଟାନ୍ତି । ଏହି ଦମ୍ପତିଙ୍କ କାହାଣୀକୁ ନେଇ



'ଜଙ୍ଗଲ୍ସ ଇନ୍ ପ୍ୟାରିସ୍' ନାମକ ଏକ ଲଘୁ ଫିଲ୍ମ ମଧ୍ୟ ପ୍ରସ୍ତୁତ ହୋଇଗଲାଣି । ଦମ୍ପତିଙ୍କର ଗ୍ରାମ ସହିତ ଭାବନାତ୍ମକ ସମ୍ପର୍କ ଯୋଡ଼ି ହୋଇଯାଇଛି । ଯେଉଁ କାରଣରୁ ସେମାନେ ଗାଁ ଛାଡ଼ି କୁଆଡ଼େ ଯାଉନାହାନ୍ତି । ପୂର୍ବେ ଏ ଗ୍ରାମରେ ଜଣେ ମେୟର, ପୂଜାରୀ ଏବଂ ଶିକ୍ଷକ ସମସ୍ତେ ଥିଲେ । ଏକ ପ୍ରାକୃତିକ ଦୁର୍ବିପାକ ଘଟିବାରୁ ଅନେକ ମରିଗଲେ ଏବଂ ଅନେକ ସହରକୁ ଚାଲିଗଲେ, ସେବେଠାରୁ ସେ ଗାଁର ପୂର୍ବ ପରିସ୍ଥିତି ଫେରିନାହିଁ ।

# 'ବବି ଜାସୁସ୍'ର ସିକ୍ୱେଲ କରିବେ ଦୀୟା



ଅଭିନୟରୁ ପ୍ରଯୋଜନାରେ ପ୍ରବେଶ କରିଥିବା ଦୀୟା ମିର୍ଜା ୨୦୧୪ରେ ନିର୍ମାଣ କରିଥିଲେ ଫିଲ୍ମ 'ବବି ଜାସୁସ୍'। ଏହି ଫିଲ୍ମର ଲିଡ୍‌ରେ ରହିଥିଲେ ବିଦ୍ୟା ବାଲାନ୍। ଏହି କମେଡି ଡ୍ରାମା ଫିଲ୍ମଟି ବକ୍ସ ଅଫିସରେ ଭଲ ଆୟ କରିନଥିଲେ ମଧ୍ୟ ଦର୍ଶକଙ୍କ ଭଲ ପାଇବା ମିଳିଥିଲା। ଏବେ ଦୀୟା ଏହାର ସିକ୍ୱେଲ ନିର୍ମାଣ କରିବା ପାଇଁ ଯୋଜନା କରୁଛନ୍ତି ବୋଲି ଶୁଣିବାକୁ ମିଳିଛି। ନିକଟରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେବା ସମୟରେ ଦୀୟା ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି, ସାଧାରଣତଃ ପୂର୍ବ ଫିଲ୍ମର ଆୟକୁ ନେଇ ଫିଲ୍ମର ସିକ୍ୱେଲ ନିର୍ମାଣ କରାଯାଇଥାଏ। କିନ୍ତୁ ଆମ ପୂର୍ବ ଫିଲ୍ମ ବକ୍ସ ଅଫିସରେ କମାଲ କରିନଥିଲେ ମଧ୍ୟ ଦର୍ଶକଙ୍କୁ ମନୋରଞ୍ଜନ କରିଥିଲା। ସେଥିପାଇଁ ଏହାର ସିକ୍ୱେଲ ନିର୍ମାଣ କରିବା ନେଇ ମନ ବଳାଇଛୁ। ଦୀୟାଙ୍କ ମୁହଁରୁ ଏହା ଶୁଣିବା ପରେ ଦେଖିବାକୁ ବାକି ରହିଲା କି ଏହାର ସିକ୍ୱେଲ ନିର୍ମାଣ କେବେ ଆରମ୍ଭ ହେଉଛି।

# ଆସିୟୁରେ ହେଲା ବିବାହ

ପୁଣେ ସହରର ଏକ ଡାକ୍ତରଖାନା ଆସିୟୁରେ ବାହାଘର ସମ୍ପନ୍ନ ହେବା ସହରରେ ବଡ଼ ଚର୍ଚ୍ଚାର ବିଷୟ ପାଲଟିଛି। ଭେଣ୍ଟିଲେଟରରେ ମୃତ୍ୟୁ ସହ ସଂଗ୍ରାମ କରୁଥିବା ବାପାଙ୍କ ଶେଷ ଇଚ୍ଛା ପୂରଣ ପାଇଁ ପୁଅ ଏହି ପଦକ୍ଷେପ ନେଇଥିଲେ। ୩୪ବର୍ଷିୟ ଧାନେସ ଏନ୍.ଦେବ ପେଶାରେ ଜଣେ ବ୍ୟବସାୟୀ ହୋଇଥିଲା ବେଳେ ତାଙ୍କ ବାପାଙ୍କର ଇଚ୍ଛା ଥିଲା ଧାନେସ ଏବଂ ସୁବର୍ଣ୍ଣାଙ୍କ ବିବାହ ଦେଖିବେ। ବାହାଘର ପାଇଁ ସମସ୍ତ ପ୍ରସ୍ତୁତି ଚାଲିଥିଲା ବେଳେ ହଠାତ୍ ଅସୁସ୍ଥ ହୋଇପଡିଥିଲେ ଧାନେସଙ୍କ ବାପା ନନ୍ଦ କୁମାର ଦେବ। ତୁରନ୍ତ ନନ୍ଦ କୁମାରଙ୍କୁ ଦିନାନାଥ ମଙ୍ଗେସକର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ହେଲେ ସେଠାରେ ତାଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭେଣ୍ଟିଲେଟରରେ ରଖାଯାଇଥିଲା। ବାପାଙ୍କ ସ୍ୱାସ୍ଥ୍ୟବସ୍ଥାକୁ ଦୃଷ୍ଟିରେ ରଖି ଧାନେସ ସୁବର୍ଣ୍ଣାଙ୍କ ପରିବାର ସହ ଡାକ୍ତରଖାନାରେ ବିବାହ କରିବା ସମ୍ପର୍କରେ ଆଲୋଚନା କରିଥିଲେ।



ଦୁଇ ପରିବାରର ସହମତି ପରେ ଏହି ଇଚ୍ଛାକୁ ଡାକ୍ତରଖାନା କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିଲା। ଆଉ ଏଥିରେ କର୍ତ୍ତୃପକ୍ଷ ମଧ୍ୟ ସହମତି ଦେଇଥିଲେ। ଦୁଇ ପରିବାରର କିଛି ସଦସ୍ୟଙ୍କ ଉପସ୍ଥିତିରେ ଆଇସିୟୁ ଭିତରେ ନନ୍ଦ କୁମାରଙ୍କ ଆଗରେ ଧାନେସ୍ ବରଣମାଳା ପିନ୍ଧାଇଥିଲେ ସୁବର୍ଣ୍ଣାଙ୍କୁ। ବିବାହର ୧୨ଘଣ୍ଟା ପରେ ଆଖି ବୁଜିଥିଲେ ନନ୍ଦ କୁମାର।

## ଆଜିର ଭାଗ୍ୟ

**ମେଷ** - କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** - ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** - କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** - ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** - ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** - ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** - ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** - ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** - ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** - କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** - ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** - କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।




# ଭାରତୀୟ ପରମ୍ପରାରେ ଧୋତି



ଦିନ ଥିଲା, ଭାରତୀୟ ଜନ-ଜୀବନରେ ଧୋତିର ଖୁବ୍ ଆଦର ଥିଲା - ଗୁରୁତ୍ୱ ଥିଲା । ଇଷ୍ଟ ଇଣ୍ଡିଆ କଂପାନୀ (ଇଂରେଜମାନେ) ବେପାର କରିବା ପାଇଁ ଭାରତ ଆସିବା ପୂର୍ବରୁ ଧୋତି ଭାରତୀୟମାନଙ୍କର ପରିଧାନ ଥିଲା। ପୋଷାକ ଯେ ଅନେକ ପବିତ୍ରତା ଓ ସ୍ୱଚ୍ଛତା ଆଣିଦିଏ ଏଥିରେ ସନ୍ଦେହ ନାହିଁ। ଏହା ମଧ ମନକୁ ଦୃଢ଼ କରେ ଆଉ ମନ ଭିତରେ ନିଜକୁ ନେଇ କିଛି କରିବାର ସଂକଳ୍ପ ସୃଷ୍ଟି କରେ। ଅନ୍ୟକୁ ଦେଖି ଶିଖିବା ମଣିଷର ଏକ ସହଜାତ ପ୍ରବୃ ି। କିନ୍ତୁ ଭଲଟାକୁ ଦେଖି ଶିଖିବାର ଇଚ୍ଛା ମନ ଭିତରେ ରହିବା ଆବଶ୍ୟକ। ସ୍କୁଲ କିମ୍ବା କଲେଜ ଛାତ୍ରଟିଏ ତା'ର ପୋଷାକ ପରିଧାନ କଲେ, ମନ ଭିତରେ ମୁଁ ଜଣେ ଛାତ୍ର ସେହି ଚିନ୍ତାଧାରା ରହିବା ସଙ୍ଗେ ସଙ୍ଗେ ନିଜେ କ ର୍ବ୍ୟପରାୟଣ ହୁଏ। ଜଣେ ସେନା ଅଧିକାରୀ କିମ୍ବା ପୋଲିସ୍ ଅଧିକାରୀ ନିଜ ନିଜର ପୋଷାକ ପିନ୍ଧିଲେ ମନ ଭିତରେ ସେହି ପ୍ରକାରର ଦୃଢ଼ତା ଆସେ, ଯାହା ସେମାନଙ୍କୁ ସେମାନଙ୍କର କ ର୍ବ୍ୟ ପ୍ରତି ମମତ୍ୱବୋଧ ସୃଷ୍ଟି କରାଏ। ଆଗରୁ ଆପଣ ଦେଖିଥିବେ ନେତାମାନଙ୍କର ପୋଷାକ ଥିଲା ଧୋତି ଆଉ ପଞ୍ଜାବୀ। ଏହି ପୋଷାକ ଭିତରେ ସେମାନେ ଥିଲେ ଭଦ୍ର। ସେମାନଙ୍କର ଆଚରଣ ଆଉ ଉଚ୍ଚାରଣ ମଧ ଥିଲା ସେହି ପ୍ରକାରର। ସେବା କରିବାର ମନୋବୃ ି ନେଇ ସେମାନେ ରାଜନୀତି କରୁଥିଲେ। ଯେଉଁଦିନ ନେତାମାନଙ୍କର ପୋଷାକ ଧୋତି-ପଞ୍ଜାବୀ ପରିବ ର୍ନେ ପ୍ୟେଣ୍ଟ-ସାର୍ଟ ହୋଇଗଲା, ସେମାନଙ୍କର ଚରିତ୍ର ମଧ ବଦଳିଗଲା। ସେମାନେ ମାନବସେବାକୁ ଆତ୍ମସେବା ମନେକଲେ। ଏହି ପୋଷାକ ସେମାନଙ୍କର ସ୍ୱଭାବ-ଚରିତ୍ର ଆଉ କାର୍ଯ୍ୟଧାରାକୁ ମଧ ବଦଳାଇ ଦେଲା। ସେମାନେ ସମାଜର ସବୁଠାରୁ ଘୃଣ୍ୟବ୍ୟକ୍ତି ହୋଇଗଲେ। ଅବଶ୍ୟ ଦେଖାଇହେବା ପାଇଁ ସେମାନେ ଅନେକ ସମୟରେ ଧୋତି ପିନ୍ଧନ୍ତି। ଏହାଦ୍ୱାରା ଲୋକେ ତାଙ୍କୁ ନୀଳବର୍ଣ୍ଣ ଶୃଗାଳ ବ୍ୟତିତ ଅନ୍ୟ କିଛି ଭାବନ୍ତି ନାହିଁ। ଏ କଥା ସେମାନେ ବୁଝି ମଧ ବୁଝିପାରନ୍ତି ନାହିଁ। ଏହି ପ୍ୟେଣ୍ଟ ସେମାନଙ୍କୁ ସେବାଠାରୁ ଦୂରେଇ ଦେଲା। ଏହି ପ୍ୟେଣ୍ଟ ପିନ୍ଧା ନେତାମାନେ ଯଦି ନିଜକୁ ଆଗରୁ ଧୋତି ପିନ୍ଧା ନେତାମାନଙ୍କ ସହିତ ତୁଳନା କରନ୍ତି, କେତେ ଭଲ ହୁଅନ୍ତା ସତରେ। ସବୁ ସତ୍ୟ ଜଳ ଜଳ କରି ସେମାନଙ୍କ ସାମନାକୁ ଆସନ୍ତା। ଧୋତିଟିଏ ପିନ୍ଧିଲେ ମୁଁ ଯେ ଜଣେ ସାଧାରଣ ମଣିଷ ଏହି ଧାରଣା ମନ ଭିତରେ ରହିବା ସଙ୍ଗେ ସଙ୍ଗେ ନିଜ ଭିତରକୁ ଅହଂକୁ ପ୍ରବେଶ କରିବାକୁ ଦିଏନାହିଁ। ଆମର ପୁରାଣ-ଶାସ୍ତ୍ର ଓ ପରମ୍ପରା ଯାହା କୁହେ ଆମେ ଭାରତୀୟମାନେ ଶାନ୍ତ-ଶିଷ୍ଟ ସରଳ-ଭଦ୍ର ଆଉ ନମ୍ର। ଏହି ଗୁଣଗୁଡ଼ିକ ଆମର ମୌଳିକତା। ଅହଙ୍କାର ପ୍ରତ୍ୟେକ ମଣିଷର ଏକ ବାହ୍ୟରୂପ। ଏହା ମଣିଷ ସହିତ ନଥାଏ। ଏହା ବାହାରୁ ଆସେ ଆଉ ସୁବିଧା ସୁଯୋଗ ପାଇଲେ ନିଜର ଆସନ ଜମାଇବସେ। ଧୋତିଟିଏ ପିନ୍ଧିଲେ ମନ ଆପେ ଆପେ ସରଳ ହୋଇଯାଏ-କିନ୍ତୁ ଦୃଢ଼ତା ଆସେ। ସେ ମନ କେବେ କାହାକୁ ଈର୍ଷା କରେନା। ସେ ମନ ରହେଁ ସବୁ ସମୟରେ ସମସ୍ତଙ୍କୁ ସାହାଯ୍ୟ କରିବା ପାଇଁ। ଅନେକ ସମୟରେ ଦେଖିବେ ଏହି ପ୍ୟେ ପିନ୍ଧା ବାବୁମାନେ ସେମାନଙ୍କର ବିବାହ - ବ୍ରତ ଇତ୍ୟାଦି ଉତ୍ସବମାନଙ୍କରେ ଧୋତିଟିଏ ପିନ୍ଧିଥିବେ। ଏହା କାରଣ ସେହିଦିନ ସେମାନେ ନିଜ ଘରକୁ ଅନ୍ୟମାନଙ୍କୁ ନିମନ୍ତ୍ରଣ କରିଥିବାରୁ ନିଜେ ଭଦ୍ର ଓ ନମ୍ର ହେବାକୁ ଚାହାଁନ୍ତି। ଏହାଦ୍ୱାରା ସେମାନେ ସ୍ୱୀକାର କରନ୍ତି ଯେ ଧୋତି ସେମାନଙ୍କୁ ଭଦ୍ର ଓ ନମ୍ର କରିଦିଏ।

ସମୟ ସବୁବେଳେ ଗତିଶୀଳ। ଏହା କେବେ କୌଣସି ପରିସ୍ଥିତିରେ ମଧ ଅଟକେ ନାହିଁ। ଆଉ ବଦଳିବା ମଧ ଏହି ସମୟର ଏକ ଆହ୍ୱାନ। ସେ ଆହ୍ୱାନ ସମସ୍ତଙ୍କ ପାଇଁ। କିନ୍ତୁ ଯେଉଁମାନେ ଦୃଢ଼ମନା, ଦୃଢ଼ଚେତା ସେମାନଙ୍କୁ ସମୟ ବଦଳାଏ - ସଂପୂର୍ଣ୍ଣ ବଦଳାଇ ପାରେନା। ସେମାନେ ସେମାନଙ୍କର ନିଜ ନିଜ ଆଦର୍ଶରେ ଥାଆନ୍ତି। ଏଠାରେ ଗୋଟିଏ ଉଦାହରଣ ଦେବାକୁ ଉଚିତ ମନେ କରୁଛି। ମହାତ୍ମାଗାନ୍ଧୀ ରାଜନୀତିକୁ ଆସିବା ପୂର୍ବରୁ ପ୍ୟେ-ସାର୍ଟ ପିନ୍ଧୁଥିଲେ। ଯେତେବେଳେ ସେବା କରିବାର ମନୋବୃ ି ତାଙ୍କ ଭିତରକୁ ପ୍ରବେଶ କଲା - ସେ ପରିଧାନ କଲେ ଧୋତି। ଏହି ଧୋତି ପିନ୍ଧି ସେ ସର୍ବତ୍ର ଭାରତୀୟ ଭାବରେ ପରିଚିତ ହେବାକୁ ଉଚିତ୍ ମନେକଲେ। ସେ ଭଲ ଭାବରେ ଜାଣିଥିଲେ ପ୍ୟେ-ସାର୍ଟ ପିନ୍ଧିଲେ ସେ ଭାରତୀୟ ହୋଇପାରିବେନି କିମ୍ବା ଭାରତୀୟ ଚିନ୍ତାଧାରା, ଆଦର୍ଶ ଓ ଦର୍ଶନରେ ସେ ନିଜକୁ ଉଦ୍‌ବୁଦ୍ଧ କରିପାରିବେନି। ଯଦିବା କରନ୍ତି ଭାରତୀୟମାନେ ତାଙ୍କୁ ଗ୍ରହଣ କରିବେନି। ଏଣୁ ଏହି ଧୋତି ପିନ୍ଧି ସେ ପ୍ରବେଶ କଲେ ବିଲାତ ପାର୍ଲାମେଣ୍ଟ ସୃଷ୍ଟିକରେ ଏକ ଅନନ୍ୟ ପରମ୍ପରା। ଧୋତି ପିନ୍ଧିଲେ ମନ ଭିତରେ ଏକ ଦୃଢ଼ତା ଆସେ। ଭାରତୀୟ ବୋଲି ଗର୍ବ ଆସେ। ସେ ଗର୍ବ ମଣିଷକୁ ବିଧେୟଗାମୀ କରାଏନା-ଉଚ୍ଚାସୀନ କରାଏ। ଆମେ ଜାଣିଛେ ଇଂରେଜମାନେ କେବଳ ବେପାର କରିବା ପାଇଁ ଭାରତ ଆସିଥିଲେ-ଦେଶ ଶାସନ ପାଇଁ ନୁହେଁ। ବେପାରୀ ଜାତି ହୋଇଥିବାରୁ ଦେଶ ଶାସନକୁ ମଧ୍ୟ ବେପାର କରିଦେଲେ, ଯାହା ଆଜି ଆମର ନେତାମାନେ କରୁଛନ୍ତି।

ଏହି ବେପାରୀ ଇଂରେଜମାନେ ଭାରତରୁ ସମସ୍ତ କଂଚାମାଲ ନେଇ ତାଙ୍କ ଦେଶରେ କାରଖାନା କରି, ପ୍ରସ୍ତୁତ ସାମଗ୍ରୀକୁ ଆମ ଦେଶର ଲୋକଙ୍କୁ ଚଢ଼ା ଦାମ୍‌ରେ ବିକ୍ରି କରୁଥିଲେ। ଏହିସବୁ ବେପାର ଭିତରେ କପା (ତୁଳା) ଥିଲା ମୁଖ୍ୟ। ସେମାନେ ଆମ ଦେଶରୁ ତୁଳା ନେଇ ତାଙ୍କ ଦେଶରେ ଲୁଗା ତିଆରି କରି ଆମକୁ ବିକ୍ରି କରି ପ୍ରଚୁର ଲାଭ କରୁଥିଲେ। ଗାନ୍ଧୀ ଯେତେବେଳେ ଆଣ୍ଠୁଲୁଚ୍ଚ ଲୁଗାଟିଏ ପିନ୍ଧି, ଗୋଲଟେବୁଲ ବୈଠକରେ ଯୋଗଦେବା ପାଇଁ ବିଲାତ ଗଲେ, ଇଂରେଜମାନେ ତାଙ୍କୁ ଖୁସି କରିବା ପାଇଁ ସେହି ଲୁଗା ମିଲ୍ ସବୁ ବୁଲାଇ ଦେଖାଇଲେ। ଏହିସବୁ ଲୁଗା ମିଲ ଗାନ୍ଧୀ ଦେଖିସାରିବା ପରେ ଇଂରେଜମାନେ ତାଙ୍କର ମତାମତ ଲୋଡ଼ିଲେ। ସେମାନେ ଭାବୁଥିଲେ ଗାନ୍ଧୀ ଖୁବ୍ ଖୁସି ହୋଇ ଯାଇଥିବେ। ଗାନ୍ଧୀ ତାଙ୍କ ଉ ରରେ କହିଲେ ମୁଁ ଭାରତକୁ ଫେରିଲେ ଭାରତରେ ଗୋଟେ ବମ୍ ପକାଇବି, ସେହି ବମ୍ ତୁମର ମିଲ୍ ସବୁ ଜାଳିପୋଡ଼ି ଧ୍ୱଂସ କରିଦେବ। ଗାନ୍ଧୀଙ୍କର କଥାକୁ ଇଂରେଜମାନେ ବୁଝିପାରିଲେ ନାହିଁ। ଗାନ୍ଧୀ ଭାରତ ଫେରିଲେ। ଭାରତମାଟିରେ ପାଦଦେବା ମାତ୍ରେ ସେ ତାଙ୍କର ବମ୍‌ଟି ନିକ୍ଷେପ କଲେ ଭାରତ ମାଟିରେ। ଏହାର କିଛିଦିନ ପରେ ବିଲାତରେ ଥିବା ସମସ୍ତ ଲୁଗା କାରଖାନା ନଷ୍ଟ ହୋଇଗଲା। ସେହି ବମ୍‌ଟି ଥିଲା "କୁଟି ଖାଅ- କାଟି ପିନ୍ଧ।"

ସମୟ ବଦଳି ଯାଇଛି। ତା' ସହିତ ବଦଳି ଯାଇଛି ଆମ୍ଭର ଉଚ୍ଚ ଚିନ୍ତାଧାରା ଆଉ ପରମ୍ପରା। ଅନ୍ୟକୁ ଦେଖି ଅନୁକରଣ କରିବାର ଓ ଶିଖିବାର ପ୍ରବୃ ି ଆମର ବଢ଼ି ଯାଇଛି। ବ ର୍ମାନର ସମାଜରେ ଧୋତିପିନ୍ଧା ଲୋକଟିର ଇଜ୍ଜତ ଆଉ ନାହିଁ କହିଲେ ଚଳେ। ପ୍ରତି ମୁହୂ ର୍ରେ ଆଉ ପ୍ରତି ପଦକ୍ଷେପରେ ଆଜିର ଲୋକେ ସେମାନଙ୍କୁ ନ୍ୟୁନ ଚକ୍ଷୁରେ ଦେଖୁଛନ୍ତି। କିନ୍ତୁ ସମୟ ଗତିଶୀଳ। ସେ ସମୟ ପୁଣି ଫେରିବ। ଧୋତି-ଆଉ ଶାର୍ଟ ତା'ର ପୂର୍ବ ସମ୍ମାନ ପୁଣି ଫେରି ପାଇବ। ସେ ସମୟ ଆଉ ବେଶି ଦୂରରେ ନାହିଁ।

**-କୈଳାଶ ଚନ୍ଦ୍ର ପଣ୍ଡା**
*ସମ୍ପାଦକ, "ପ୍ରେମ ପୃଥିବୀ", ଭଦ୍ରକ,*
*ମୋ-୯୪୩୭୩୩୫୧୮୯*

# ବାଘ ସୁରକ୍ଷା ପ୍ରତି ଧ୍ୟାନ ଦିଅ !



ଦେଶରେ ବାଘ ମୃତ୍ୟୁ ନେଇ ଜାତୀୟ ବ୍ୟାଘ୍ର ସଂରକ୍ଷଣ କର୍ତ୍ତୃପକ୍ଷ (ଏନଟିସିଏ) ପକ୍ଷରୁ ଗତ ସପ୍ତାହରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି, ତାହା ଯେତିକି ଉଦ୍‌ବେଗଜନକ, ସେତିକି ଚିନ୍ତାଜନକ ମଧ୍ୟ। ଗତ ୨୦୨୧ ମସିହାରେ ଦେଶରେ ୧୨୭ଟି ବ୍ୟାଘ୍ରଙ୍କର ମୃତ୍ୟୁ ଘଟିଥିବା କୁହାଯାଇଛି। ଏହି ମୃତ ବୋଝ ମଧ୍ୟରୁ ଅର୍ଦ୍ଧେକ ଅର୍ଥାତ ୬୦ଟି ବାଘର ମୃତ୍ୟୁ ଶିକାର, ଦୁର୍ଘଟଣା ଏବଂ ମଣିଷ-ବାଘ ଲଢେଇରେ ମୃତ୍ୟୁ ଘଟିଛି। ବିଶେଷ କରି ସଂରକ୍ଷିତ ଅଂଚଳ ବାହାରେ ଏହି ବାଘଗୁଡିକର ମୃତ୍ୟୁ ଘଟିଥିବା କୁହାଯାଇଛି। ଆହୁରି ମଧ ଏଥିମଧ୍ୟରୁ ମଧ୍ୟପ୍ରଦେଶରେ ସର୍ବାଧିକ ୪୪ଟି ବାଘର ମୃତ୍ୟୁ ଘଟିଥିବା



ବେଳେ ଏହାପଛକୁ ମହାରାଷ୍ଟ୍ରରେ ୨୬ଟି, କର୍ଣ୍ଣାଟକରେ ୧୪ଟିର ମୃତ୍ୟୁ ଘଟିଛି। ସେହିପରି ଓଡ଼ିଶାରେ ବର୍ଷକ ମଧ୍ୟରେ ୨୭ଟି କଲାରାପତରିଆ ବାଘର ଚମଡା ବନ ବିଭାଗ ଜବତ କରିଛି। ଏହି ଘଟଣାରେ ବନବିଭାଗ ଏବଂ ପୋଲିସ ୬୦ଜଣଙ୍କୁ ଗିରଫ କରିଥିବା ରିପୋର୍ଟ ପ୍ରକାଶ ପାଇଛି। ସଂରକ୍ଷିତ ଅଂଚଳ ବାହାରେ ଏହି ବାଘଗୁଡିକୁ ଶିକାର କରାଯାଇଥିବା ଆଶଙ୍କା କରାଯାଏ। ଅନ୍ୟପକ୍ଷରେ ଦେଶରେ ବାଘମୃତ୍ୟୁ ନେଇ ଗଣମାଧ୍ୟମରେ ପ୍ରକାଶିତ ରିପୋର୍ଟ ଉପରେ ପ୍ରତିକ୍ରିୟା ପ୍ରକାଶ କରି କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଛି ଯେ, ୨୦୧୨ରୁ ୨୦୨୧ ମଧ୍ୟରେ ଦେଶରେ ବାର୍ଷିକ ହାରାହାରି ୯୮ଟି ବାଘର ମୃତ୍ୟୁ ଘଟୁଛି। ଏହି ମୃତ୍ୟୁ ମଧ୍ୟରେ ବୟାସାଧିକ କାରଣ, ରୋଗ, ଶିକାର, ଦୁର୍ଘଟଣା, ବାଘ-ମଣିଷ ଲଢେଇ ଆଦି ରହିଛି। ଉଲ୍ଲେଖଯୋଗ୍ୟ ଯେ, ଆମ ଦେଶରେ ପ୍ରତିବର୍ଷ ଜାତୀୟ ବାଘ ସଂରକ୍ଷଣ କର୍ତ୍ତୃପକ୍ଷଙ୍କ ଦ୍ୱାରା ବାଘ ଗଣନା କରାଯାଇଥାଏ। ୨୦୧୮ ମସିହାର ଗଣନା ଅନୁଯାୟୀ ଦେଶରେ ମୋଟ ବାଘ ସଂଖ୍ୟା ୨୯୬୭ ଥିବାବେଳେ ୨୦୧୪ ମସିହାରେ ୨୨୨୬ ଥିଲା। ଯାହାକି ଶିକାର, ଦୁର୍ଘଟଣାଜନିତ ମୃତ୍ୟୁସଂଖ୍ୟା ବୃଦ୍ଧି ସତ୍ତ୍ୱେ ଦେଶରେ ବାଘ ସଂଖ୍ୟା ବୃଦ୍ଧି ପାଇଥିବା ସଂକେତ ପ୍ରଦାନ କରିଛି। ମଧ୍ୟପ୍ରଦେଶରେ ସର୍ବାଧିକ ୫୨୬ଟି ବାଘ ଥିବା ଗଣନାରୁ ଜଣାପଡିଥିବା ବେଳେ ଦ୍ୱିତୀୟ ସ୍ଥାନରେ କର୍ଣ୍ଣାଟକ ରହିଛି, ଯେଉଁଠି ୫୨୪ଟି ବାଘ ଅଛନ୍ତି। ସେହିପରି ଉତରାଖଣ୍ଡରେ ୧୪୪ଟି ବାଘ ଥିବା ରିପୋର୍ଟରେ କୁହାଯାଇଛି। ଅନ୍ୟପକ୍ଷରେ ବାଘ ମୃତ୍ୟୁ ନେଇ ବନ୍ୟଜନ୍ତୁ ସଂରକ୍ଷଣ ସୋସାଇଟି ପକ୍ଷରୁ ପ୍ରକାଶିତ ରିପୋର୍ଟରେ କୁହାଯାଇଛି ଯେ, ପ୍ରତିବର୍ଷ ଦେଶରେ ବାଘ ମୃତ୍ୟୁ ସଂଖ୍ୟା ବଢିଚାଲିଛି। ପୂର୍ବବର୍ଷ ତୁଳନାରେ ୨୦୨୧ରେ ୪୮ ପ୍ରତିଶତ ବାଘ ମୃତ୍ୟୁ ଘଟିଛି। ୨୦୨୦ରେ ୧୧୧ଟି ବାଘର ମୃତ୍ୟୁ ଘଟିଥିବା ବେଳେ ୨୦୨୧ରେ ୧୭୪ଟିର ମୃତ୍ୟୁ ଘଟିଛି। ଏହା ସତ୍ୟ ଯେ, ସରକାରୀ ରିପୋର୍ଟରେ ବାଘ ମୃତ୍ୟୁ ସଂଖ୍ୟା ନେଇ ଯେଉଁ ତଥ୍ୟ ପ୍ରକାଶ ପାଇଛି, ବେସରକାରୀ ରିପୋର୍ଟରେ ଏହି ସଂଖ୍ୟା ଅଧିକ ହେବା ଆଶଙ୍କାକୁ ଏଡ଼ାଇ ଦିଆଯାଇ ନପାରେ। ତେବେ ବାଘ ମୃତ୍ୟୁ ନେଇ ସବୁଠାରୁ ବଡ଼ ସମସ୍ୟା ହେଉଛି, ଦେଶରେ ଥିବା ବ୍ୟାଘ୍ର ସଂରକ୍ଷଣ ଆଭ୍ୟନ୍ତରୀଣ ବାହାରେ ୩୫ପ୍ରତିଶତ ଟାଇଗର ରେଂଜ ରହିଛି। ଯେଉଁଠାରେ ବାଘ ଶିକାର ଓ ମୃତ୍ୟୁସଂଖ୍ୟା ଅଧିକ ରହିଛି। ଆମ ରାଜ୍ୟରେ ଦୁଇଟି ବାଘ ଅଭୟାରଣ୍ୟ ରହିଛି। ଶିମିଳିପାଳ ଏବଂ ସାତକୋଶିଆ ବ୍ୟାଘ୍ର ସଂରକ୍ଷଣ ଅଭୟାରଣ୍ୟ ସମ୍ପର୍କରେ ଗଣମାଧ୍ୟମରେ ଯେଉଁ ରିପୋର୍ଟ ପ୍ରକାଶ ପାଇଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ ବୋଲି କୁହାଯାଇପାରିବ। ଶିମିଳିପାଳ ବାଘ ଅଭୟାରଣ୍ୟରେ ୭୩ଟି ବାଘ ନିଖୋଜ ବା ଗାଏବ ହୋଇଯାଇଥିବାବେଳେ ସାତକୋଶିଆ ବାଘ ଶୂନ୍ୟ ହୋଇଯାଇଥିବା ରିପୋର୍ଟ ପ୍ରକାଶ ପାଇଛି। ଯାହାକି ଅତ୍ୟନ୍ତ ସାଂଘାତିକ। ଶିମିଳିପାଳରେ ୮୫ଟି ବାଘ ଥିବାବେଳେ ଏବେ ଆଉ ୧୨ଟି ବାଘ ଥିବା ଜଣାଯାଏ। ଉଲ୍ଲେଖଯୋଗ୍ୟ ଯେ, ୭୦ ଦଶକରେ ବାଘୁଣୀ 'ଖଇରା' ଯୋଗୁଁ ଶିମିଳିପାଳ କେବଳ ଦେଶ ନୁହେଁ ବିଦେଶରେ ଖ୍ୟାତିଲାଭ କରିଥିଲା। ଏବେ ସେହି ଅଭୟାରଣ୍ୟରେ ଆଉ ମାତ୍ର ୧୨ଟି ବାଘ ଥିବାବେଳେ ଏହା ଶ୍ରୀହୀନ ତଥା ଧ୍ୱଂସାଭିମୁଖୀ ହୋଇପଡିଥିବା କହିଲେ ଭୁଲ ହୋଇନପାରେ। ଅନ୍ୟପକ୍ଷରେ ସାତକୋଶିଆରେ ବାଘ ସଂଖ୍ୟା ବଢାଇବା ପାଇଁ ମଧ୍ୟପ୍ରଦେଶରୁ ଦୁଇଟି ବାଘ ଅଣାଯାଇଥିବାବେଳେ ସେଥିରୁ ଗୋଟିଏ ଫେରାଇ ଦିଆଯିବା ଏବଂ ଅନ୍ୟଟିର ମୃତ୍ୟୁ ଘଟିବା କାହାରିକୁ ଅଛପା ନାହିଁ। ବାଘ ସଂରକ୍ଷଣ ତଥା ବାଘ ବଂଶ ବୃଦ୍ଧି ପାଇଁ ସରକାରୀ ସ୍ତରରେ କେତେ ଆନ୍ତରିକତା ରହିଛି, ଏଥିରୁ ସ୍ପଷ୍ଟ ଅନୁମାନ କରାଯାଇପାରେ। ସେହିପରି ଆମ ରାଜ୍ୟରେ ବାଘ ଚମଡା ଜବତ ଘଟଣାରୁ ବାଘ ସୁରକ୍ଷା ପ୍ରତି ବନବିଭାଗ କେତେ ତତ୍ପର ତାହା ମଧ ସୁସ୍ପଷ୍ଟ। ଏହା ସତ୍ୟ ଯେ, ବାଘ ହେଉଛି ଆମର ଜାତୀୟ ପଶୁ। ଏହାର ସୁରକ୍ଷା ପାଇଁ ଅଭୟାରଣ୍ୟ ରହିଛି, ବିଭାଗ ରହିଛି, କଠୋର ଆଇନ ରହିଛି। ଏହାସତ୍ତ୍ୱେ ଯେପରି ବାଘ ମୃତ୍ୟୁ ସଂଖ୍ୟା ବଢିଚାଲିଛି, ବାଘ ବଂଶ ଯେ ଏବେ ବିପଦରେ ଏହା ସ୍ୱୀକାର କହିବାକୁ ହେବ।

**ସୌଭାଗ୍ୟରଂଜନ ମହାନ୍ତି (ରାଜା)**, ସମ୍ମାନ ଭବନ, ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର, ରୋଡ ନଂ-୩, ଶିଶୁପାଳଗଡ,-୭୫୧୦୦୨, ମୋବାଇଲ ନଂ-୯୪୩୭୯୯୪୩୭୯

## ଭାଇକୁ ହାଣିଲା ଭାଇ, ଗୁରୁତର ଅବସ୍ଥାରେ ମେଡିକାଲରେ ଭ ର୍ି

ମାଲକାନଗିରି,(ପି.ଏନ): ମାଲକାନଗିରି ଜିଲ୍ଲା ପଡିଆ ବ୍ଲକ ନିଲିଗୁଡା ପଂଚାୟତ ଅନ୍ତର୍ଗତ ଚେରକୁଗୁଡା ଗ୍ରାମରେ ଜଣେ ବ୍ୟକ୍ତି କ୍ରୋଧରେ ଜର୍ଜରିତ ହୋଇ ନିଜ ଭାଇକୁ ଧାରୁଆ କାତିରେ କାଟି ରକ୍ତାକ୍ତ କରି ଦେଇଥିବା ଦେଖିବାକୁ ମିଳିଛି। ଏହାପରେ କ୍ରୋଧ ଜର୍ଜରିତ ଭାଇ ଧାରୁଆ ଅସ୍ତ୍ର ଧରି ଗ୍ରାମରେ ବୁଲିବାରୁ ଗ୍ରାମବାସୀ ଭୟଭୀତ ହୋଇ ସ୍ଥାନୀୟ ପୋଲିସକୁ ଖବର ଦେବାରୁ ପୋଲିସ ପହଂଚି ପୀଡ଼ିତକୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଛି। ଏଭଳି ଲୋମଟାଙ୍କୁରା ଘଟଣା ସ୍ଥାନୀୟ ଅଂଚଳରେ ଚାଂଚଲ୍ୟ ସୃଷ୍ଟି କରିଥିବା ବେଳେ ପୋଲିସ ଅଭିଯୁକ୍ତ ଭାଇକୁ ଥାନାକୁ ଆଣି ପଚରାଉଚୁରା କରୁଥିବା ଜଣାପଡ଼ିଛି। ସୂଚନା ମୁତାବକ, ଆଜି ସକାଳ ପ୍ରାୟ ୬ଟା ବେଳେ ଚେରକୁଗୁଡା ଗ୍ରାମର ମାଲା ମାଡ଼ି ନିଜର କକାର ପୁଅ ରାମାଙ୍କୁ ପୂର୍ବରୁ ହୋଇଥିବା ଝଗଡାକୁ କେନ୍ଦ୍ର କରି ଗାଳିଗୁଲଜ କରିବା ସହ ଅଚାନକ ଏକ ଧାରୁଆ କାତିରେ ରାମାର ଗଳା, ଛାତି ଓ ପିଠିକୁ ହାଣିଥିଲା । ରାମା ରକ୍ତାକ୍ତ ହୋଇ ଚିତ୍କାର କରିବାରୁ ଆଖପାଖ ଲୋକ ଏକାଠି ହେବା ଦେଖି ମାଲା ନିଜ ଘରକୁ ଦୌଡ଼ି ପଳାଇଥିଲା । ଏହାପରେ ମାଲା ଧାରୁଆ କାତି ଧରି ଗାଁ ରାସ୍ତାକୁ ବାହାରିବା ପରେ ଗ୍ରାମବାସୀ ଘରୁ ବହାରିବାକୁ ଭୟଭୀତ ହୋଇଥିଲେ। ହେଲେ ଗ୍ରାମର ଜଣେ ବ୍ୟକ୍ତି ଟେଲିଫୋନ୍ ଯୋଗେ ପଡିଆ ପୋଲିସକୁ ଖବର ଦେବାରୁ ପଡିଆ ଥାନା ଅଧିକାରୀ ଅଶୋକ କୁମାର ବିଶୋୟୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ରାଜକୁମାର ଶବର ଘଟଣାସ୍ଥଳରେ ପହଂଚି ରକ୍ତାକ୍ତ ଅବସ୍ଥାରେ ପଡ଼ି ରହିଥିବା ରାମାକୁ ଆମ୍ବୁଲାନ୍ସ ଯୋଗେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ଏଥିସହ ଘଟଣାସ୍ଥଳରୁ ଧାରୁଆ କାତି ଜବତ କରିବା ସହ ମାଲାକୁ କାବୁ କରି ଥାନାକୁ ଅଣାଯାଇଥିବା ଜଣାପଡ଼ିଛି।

## ୨୪୦ ହୃଦ୍‌ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା

ଧର୍ମଶାଳା (ପିଏନ୍): ରୋଟାରୀ କ୍ଲବ ଜାରକା ଓ ଆପୋଲୋ ହସପିଟାଲ ଭୁବନେଶ୍ୱର ମିଳିତ ଆନୁକୁଲ୍ୟରେ ବିଶ୍ୱ ହୃଦୟ ଦିବସ ଅବସରରେ ଜାରକାସ୍ଥିତ କଳ୍ପତରୁ ଦାସ ଷ୍ଟାଡିୟମରେ ୨୪୦ ଜଣ ହୃଦ୍‌ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଛି । ଏହି ଶିବିରକୁ ଅବସରପ୍ରାପ୍ତ ସିଡିଏମଓ ବିଜୟ କୁମାର ଶତପଥୀ ଉଦ୍‌ଘାଟନ କରିଥିଲେ । ଅତିଥି ଭାବେ ଆପୋଲୋ ହସପିଟାଲର ଡାକ୍ତର ପ୍ରେମାନନ୍ଦ ପଟ୍ଟନାୟକ ଯୋଗଦେଇ ୪୦ ବର୍ଷରୁ ଉର୍ଦ୍ଧ୍ୱ ବୟସର ବ୍ୟକ୍ତିମାନେ ହୃଦ୍‌ରୋଗର ପରୀକ୍ଷା କରିବାକୁ ପରାମର୍ଶ ଦେଇଥିଲେ । ରୋଟାରୀ କ୍ଲବର ସଭାପତି ପ୍ରମୋଦ କୁମାର ସାମଲ ଓ ସମ୍ପାଦକ ସୁକାନ୍ତ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡାକ୍ତର ପ୍ରତ୍ୟୁଷ ନାହାକ, ଆପୋଲୋ ହସପିଟାଲର ସଂଯୋଜକ ବିରେନ୍ଦ୍ର ପାତ୍ର, ଟେକନିସିଆନ ମାନସରଂଜନ ନାୟକଙ୍କ ଦ୍ୱାରା ପଂଜିକୃତ ରୋଗୀଙ୍କ ବ୍ଲଡ୍ ସୁଗାର, ରକ୍ତଚାପ ଓ ଓଜନ ମପାଯାଇ ଇସିଜି କରାଯାଇ ଚିକିତ୍ସା ପାଇଁ ପରାମର୍ଶ ଦିଆଯାଇଥିଲା । ଏଥିଲାଗି ୨୪୫ ଜଣ ହୃଦ୍‌ରୋଗୀ ନାମ ପଂଜିକରଣ କରିଥିଲାବେଳେ ଏହି ଶିବିରରେ ୨୪୦ଜଣ ହୃଦ୍‌ରୋଗୀ ନିଜର ସ୍ୱାସ୍ଥ୍ୟ ପରୀକ୍ଷା କରାଇଥିଲେ । ରୋଟାରିଆନ ପ୍ରଦୀପ୍ତ କୁମାର ବରାଳ, ଅଜାମ୍ବର ସାହୁ, କ୍ୟାପଟେନ ତ୍ରିଲୋଚନ ବିଶ୍ୱାଳ,ନିରଂଜନ ପାଣିଗ୍ରାହୀ, ଜୟପ୍ରକାଶ ତ୍ରିପାଠୀ, ଜ୍ୟୋତିପ୍ରକାଶ ଆଚାର୍ଯ୍ୟ, ଚକ୍ରଧର ଲେଙ୍କା, ହରିହର ପଣ୍ଡା, ବିନୋଦ ପରିଡା, ଅମୂଲ୍ୟ ମହାରଣା, ଜୟଗୁରୁ ପାତ୍ର, ଦୀପକ ଜେନା, ବିପିନ ଷଡଙ୍ଗୀ, କଳାକର ମହାନ୍ତି, ରଶ୍ମୀରଂଜନ ରାୟ, ଦେବେନ୍ଦ୍ର ସାହୁ, ଇନରହୁଇଲ କ୍ଲବର ପୂର୍ବତନ ସଭାପତି ମିନତୀ ସାହୁ, ମାଧୁରୀ ଶତପଥୀ, ସଭାନେତ୍ରୀ ଶୁଭଲକ୍ଷ୍ମୀ କର, ସମ୍ପାଦିକା ବିଶ୍ୱମିତ୍ରା ସାହୁ, ଶକୁନ୍ତଳା ମହାନ୍ତି, ଇନ୍ଦୁପ୍ରଭା ସାମଲ, ଅର୍ଚ୍ଚନା ସ୍ୱାଇଁ, କାଦମ୍ବିନୀ ମିଶ୍ର, ଉପାସନା ଶତପଥୀ, କଳ୍ପନା ପରିଡା, ପ୍ରଭାତନଳିନୀ ସାହୁ, ସରୋଜିନୀ ପଣ୍ଡା, ଅଜନ୍ତା ପାଣିଗ୍ରାହୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ ଏହି ଶିବିରରେ ଯୋଗଦେଇ ହୃଦ୍‌ରୋଗୀମାନେ ସେମାନଙ୍କ ସ୍ୱାସ୍ଥ୍ୟପ୍ରତି ଯତ୍ନବାନ ରହିବାକୁ ପରାମର୍ଶ ଦେଇଥିଲେ।

## ପର୍ଯ୍ୟଟନରେ ଯୋଡ଼ିହେଉ ଦୟାନଦୀରେ ନୌକା ବିହାର

ଭୁବନେଶ୍ୱର (ପିଏନ୍): ପ୍ରତିବର୍ଷ ସେପ୍ଟେମ୍ବର ମାସ ୨୭ ତାରିଖ ବିଶ୍ୱ ପର୍ଯ୍ୟଟନ ଦିବସ ଭାବେ ପାଳନ କରାଯାଇଥାଏ। ଏହି ଦିବସ ଆମକୁ ପର୍ଯ୍ୟଟନ କ୍ଷେତ୍ରରେ ବିକାଶ କିପରି ଘଟିପାରିବ ତାହା ସୂଚାଇ ଦିଏ। ଓଡ଼ିଶାରେ ଏପରି ଅନେକ ସ୍ଥାନ ଅଛି, ଯାହାକୁ ଦୃଷ୍ଟି ଦିଆଗଲେ ପର୍ଯ୍ୟଟନ କ୍ଷେତ୍ରରେ ବଡ଼ ପରିବ ର୍ନ ହେବା ସହ ସ୍ଥାନୀୟ ଅଞ୍ଚଳର ସାମାଜିକ ଏବଂ ଅର୍ଥନୈତିକ ବିକାଶ ସହ ରାଜ୍ୟ ରାଜକୋଷକୁ ମଧ ଅର୍ଥ ଆସିପାରନ୍ତା। ଏମିତି ଏକ ଐତିହାସିକ ସ୍ଥଳ ହେଉଛି ରାଜଧାନୀ ଉପକଣ୍ଠରେ ଥିବା ଧଉଳି। ଧଉଳି ସାମ୍ନା ଦେଇ ବହି ଯାଉଛି ଐତିହ୍ୟର ନଦୀ ଦୟାନଦୀ। ଦୟାନଦୀର ଗୋଟିଏ ପାର୍ଶ୍ୱରେ ଧଉଳି ଥିବାବେଳେ ଅପର ପାର୍ଶ୍ୱରେ ରହିଛି ଐତିହ୍ୟସମ୍ପନ୍ନ ସ୍ଥାନ ରଣ ଗୋହିରୀ। ଧଉଳିକୁ ନିୟମିତ ପର୍ଯ୍ୟଟକ ଆସୁଥିବା ବେଳେ ଅପର ପାର୍ଶ୍ୱରେ ଥିବା ରଣ ଗୋହିରୀ ଏବେ ବି ଅଣଦେଖା ଅବସ୍ଥାରେ ରହିଛି। ରଣ ଗୋହିରୀ ଯାହାକି କଳିଙ୍ଗ-ଅଶୋକ ଯୁଦ୍ଧର ମୂକସାକ୍ଷୀ। ଧଉଳି ଏବଂ ରଣଗୋହିରୀକୁ ସଂଯୋଗ କରୁଥିବା ପୋଲଟି ଏବେ ବି ଅର୍ଦ୍ଧନିର୍ମିତ ଅବସ୍ଥାରେ ପଡ଼ିରହିଛି। ତେବେ ଏହି ଦୟାନଦୀକୁ ପର୍ଯ୍ୟଟନର ଅନ୍ୟତମ ଅଂଶ ଭାବେ ଗ୍ରହଣ କରାଯିବା ଦରକାର। ଏଭଳି ଏକ ଐତିହ୍ୟସମ୍ପନ୍ନ ନଦୀରେ ନୌକା ବିହାର ବ୍ୟବସ୍ଥା କରାଯାଇ ପାରିଲେ ତାହା ପର୍ଯ୍ୟଟକଙ୍କୁ ଆକର୍ଷିତ କରନ୍ତା ଏବଂ ଉଭୟ ଧଉଳି ଏବଂ ରଣ ଗୋହିରୀକୁ ଏହା ସଂଯୋଗ କରିପାରନ୍ତା। ଧଉଳି ପାଦଦେଶରେ ଥିବା ଭୈରଙ୍ଗେଶ୍ୱର ସାମ୍ନାରେ ଥିବା ନଦୀତୁଠରେ ନୌକା ଘାଟ କରାଯାଇ ପର୍ଯ୍ୟଟକମାନଙ୍କୁ ନୌକା ବିହାରର ସୁଯୋଗ ସୃଷ୍ଟି କରାଯାଇପାରିଲେ ଭଲ ହୁଅନ୍ତା। ଏପରିକି କୌଣସି ପର୍ଯ୍ୟଟକ ଯଦି ନୌକା ବିହାରରୁ ଅଧିକ ଆନନ୍ଦ ନେବା ପାଇଁ ଚାହିଁବେ ସେମାନଙ୍କ ପାଇଁ ଦୟା ପୋଲ ନିକଟରୁ ମଧ ନୌକା ସେବା ଯୋଗାଇ ଦେବାର ବ୍ୟବସ୍ଥା ହେବା ଦରକାର। ଏହାଦ୍ୱାରା ପର୍ଯ୍ୟଟକମାନେ ଧଉଳି ଛକରୁ ସଡ଼କ ପଥରେ ନଯାଇ ଦୟାର ଜଳପଥରେ ମଧ ଯାଇପାରନ୍ତେ। ଏଥିପାଇଁ ଦୟାକୁ ସୁନାବ୍ୟା କରିବା ଦରକାର। ଧଉଳି ତଳପଟୁ ଦୟାର ଆନ୍ନିକଟ ନିର୍ମାଣ କରାଯାଇ ନଦୀକୁ ସୁନାବ୍ୟା କରାଯାଇ ପାରିବ। ଏଥିପ୍ରତି ପର୍ଯ୍ୟଟନ ବିଭାଗ ଦୃଷ୍ଟି ଦେବା ଦରକାର ବୋଲି ସାମାଜିକ କର୍ମୀ ସୁଶାନ୍ତ ସାହୁ ବିଶ୍ୱ ପର୍ଯ୍ୟଟନ ଦିବସ ଅବସରରେ ବିଭାଗୀୟ କ ର୍ତୃପକ୍ଷଙ୍କ ନିକଟରେ ଏକ ପ୍ରେସ୍ ବିବୃ ି ମାଧ୍ୟମରେ ଦାବି କରିଛନ୍ତି।

## ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ ପାଳନ

ବଲାଙ୍ଗିର, (ପି.ଏନ): ସ୍ଥାନୀୟ ଟାଉନ ବାଳିକ ଉଚ୍ଚ ବିଦ୍ୟାଳୟ ସଭାଗୃହରେ ଭାରତୀୟ ଶିକ୍ଷଣ ମଣ୍ଡଳର ଗୁରୁପୂଜନ ଉତ୍ସବ ପଶ୍ଚିମ ପ୍ରାନ୍ତ ଉପ-ସଭାପତି ପ୍ରଫେସର ତରୁଣ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ପ୍ରଥମେ ମଂଚାସୀନ ଅତିଥି ଗଣ ବେଦବ୍ୟାସ, ଭାରତମାତା ଓ ମା' ସରସ୍ୱତୀଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ସଭ୍ୟ ସତ୍ୟାନନ୍ଦ ବିଶ୍ୱାଳ ସଂଗଠନର ଧେୟବାକ୍ୟ ପାଠ କରିଥିଲେ । ପରେ ପୂର୍ବତନ ପ୍ରାନ୍ତ ସଂପାଦକ ଧର୍ମବ୍ରତ ରଥ ସଂଗଠନର ଆଦର୍ଶ ଓ କାର୍ଯ୍ୟକ୍ରମ ସଂପର୍କରେ ସୂଚନା ପ୍ରଦାନ କରିଥିଲେ । ବିଦ୍ୟାଳୟର ଛାତ୍ରୀ ଶୁଭଶ୍ରୀ ସାହୁ ଏବଂ ପୁନମ ରଣା ଛାତ୍ର ଛାତ୍ରୀଙ୍କ ବିକାଶ ପ୍ରକ୍ରିୟାରେ ଗୁରୁଙ୍କ ଭୂମିକା ସମ୍ପର୍କରେ ସୁଚିନ୍ତିତ ମତ ପ୍ରକାଶ କରିଥିଲେ । ମୁଖ୍ୟ ଅତିଥି ଅଧ୍ୟାପକ ସତ୍ୟବନ୍ତ ବେଦବାକ ବେଦବ୍ୟାସଙ୍କ ଜୀବନ ବୃତାନ୍ତ ତଥା ମହାନ ଗୁରୁ ପରମ୍ପରା ସମ୍ପର୍କରେ ବିସ୍ତୃତ ତଥ୍ୟ ଉପସ୍ଥାପନ କରିଥିଲେ । ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର ମିଶ୍ର ମଂଚାସୀନ ଥିଲେ । ସମଗ୍ର କାର୍ଯ୍ୟକ୍ରମକୁ ଶିକ୍ଷୟତ୍ରୀ କସ୍ତୁରି ରଥ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ଗୋବିନ୍ଦ ମିଶ୍ର, ଡ. ଭବାନୀ ଶଙ୍କର ପଟେଲ, ରାମଚନ୍ଦ୍ର ପଟେଲ, ଦିବାକର ହୋତା, ମଦନ ମୋହନ ରଥ, କୃଷ୍ଣଚନ୍ଦ୍ର ମହାକୁର, ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ । ଶେଷରେ ପ୍ରଶନ୍ନ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବେଆଇନ ଲିଙ୍ଗ ନିରୂପଣ ଓ ଭ୍ରୂଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ମିଳିବ ୨୫ ହଜାର ଟଙ୍କା

ଗଞ୍ଜାମ, (ପି.ଏନ): ଗଞ୍ଜାମ ଜିଲ୍ଲାରେ ବେଆଇନ ଲିଙ୍ଗ ନିରୂପଣ ଓ ଭୃଣ ହତ୍ୟା ସମ୍ପର୍କରେ ସୂଚନା ଦେଲେ ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନକାରୀଙ୍କୁ ୨୫ ହଜାର ଟଙ୍କା ପ୍ରଦାନ କରାଯିବ । ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡାଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଜିଲ୍ଲାପାଳ ଲିନା କୁମାରୀ ଖେସ୍ ଙ୍କ ଅଧ୍ୟକ୍ଷତାରେ ଲିଙ୍ଗ ନିରୂପଣ ନିରୋଧ ଆଇନ ସମ୍ପର୍କିତ ଜିଲ୍ଲା ସ୍ତରିୟ ପରାମର୍ଶ କମିଟିରେ ଏହି ଘୋଷଣା କରାଯାଇଛି । ସେହିପରି ଜିଲ୍ଲାରେ ଡାଇଗ୍ନୋଷ୍ଟିକ୍ ସେଂଟର ନିମନ୍ତେ ଆବେଦନ ହୋଇଥିବା ଚିକିତ୍ସାଳୟ ଗୁଡିକର ଲାଇସେନ୍ସ ସମ୍ପର୍କରେ ଆଲୋଚନା କରାଯାଇଛି ।

## ଧର୍ମଶାଳା ଖୋଜ ଅନୁଷ୍ଠାନର ସ୍ଥାୟୀ କମିଟି ଗଠନ



ଧର୍ମଶାଳା (ପିଏନ୍): ଧର୍ମଶାଳାର ଐତିହ୍ୟ, ସଂସ୍କୃତି, ପରମ୍ପରା ଓ ପ୍ରାକୃତିକ ବୈଭବ ଖୋଜୁଥିବା ସାମାଜିକ ଅନୁଷ୍ଠାନ ଧର୍ମଶାଳା ଖୋଜର ଏକ ବୈଠକ ଜାରକାଠାରେ ଅନୁଷ୍ଠିତ ହୋଇଯାଇଛି । ଏହାର ପ୍ରତିଷ୍ଠାତା ପ୍ରାକ୍ତନ ବିଧାୟକ ଗୁରୁଚରଣ ଟିକାୟତ ଏଥିରେ ଅଧ୍ୟକ୍ଷତା କରିଥିଲେ । ଧର୍ମଶାଳା ଅଂଚଳରେ ଲୁକ୍କାୟିତ ଥିବା ପ୍ରତିଭା ଓ ସାଂସ୍କୃତିକ ବୈଭବକୁ ଲୋକଲୋଚନକୁ ଆଣିବା ଏହି ଅନୁଷ୍ଠାନର ଲକ୍ଷ୍ୟ ରହିଛି । ଏହି ଆଲୋଚନାରେ ଅନୁଷ୍ଠାନର ଏକ ସ୍ଥାୟୀ କମିଟି ଗଠାନ କରାଯାଇଥିଲା । କମିଟିର ସଭାପତି ଭାବେ ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟ ନିର୍ମଳ ସାମଲ, ଉପସଭାପତି ଭାବେ ଅବଦୁଲ କଲାମ, ସମ୍ପାଦକ ଭାବେ ନାଗେଶ୍ୱର ବେହେରା, ସହ-ସମ୍ପାଦକ ଭାବେ ସନ୍ତୋଷ କୁମାର ଜେନା, ସଂଯୋଜକ ଭାବେ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ସୁଧିର କୁମାର ନାୟକ ଓ ଅନୁଷ୍ଠାନର ପ୍ରତିଷ୍ଠାତା ଶ୍ରୀ ଟିକାୟତଙ୍କୁ ଅର୍ଥ ସମ୍ପର୍କିତ ଦାୟିତ୍ୱ ଦିଆଯାଇଥିଲା । ଏତଦବ୍ୟତିତ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଦୀଲିପ ରାଉତ, ଅବସରପ୍ରାପ୍ତ ଶିକ୍ଷକ ନାରାୟଣ ସ୍ୱାଇଁ, ଶିକ୍ଷାବିତ ରବିନ୍ଦ୍ର ସାହୁ, ପ୍ରସନ୍ନ ବରାଳ, ସାହିତ୍ୟିକ ଅର୍ଜୁନ ପୃଷ୍ଟି, ରାଜିବ ମଳିକ, ବିଷ୍ଣୁ ଚରଣ ବାରିକ, ମନୋଜ କୁମାର ନାୟକ, ଗୌରାଙ୍ଗ ସାହୁ, ଦିବ୍ୟଜ୍ୟୋତି ସାମଲ ଓ ଉଦୟ ମହାରଣା କାର୍ଯ୍ୟକାରୀ ସମିତି ସଭ୍ୟ ଭାବେ ମନୋନୀତ ହୋଇଛନ୍ତି ।

## ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକ ମେଳା ପ୍ରସ୍ତୁତି ବୈଠକ



ଯାଜପୁର (ପିଏନ୍): ଅନନ୍ୟା ସାହିତ୍ୟ ସଂସଦ ପକ୍ଷରୁ ଦ୍ୱାଦଶ ରାଜ୍ୟସ୍ତରୀୟ ଯାଜପୁର ପୁସ୍ତକମେଳା ନିମନ୍ତେ ଯାଜପୁର ଜିଲ୍ଲା ସ୍କୁଲଠାରେ ଏକ ପ୍ରସ୍ତୁତି ବୈଠକ ଶ୍ରୀ ସନ୍ତୋଷ କୁମାର ନନ୍ଦଙ୍କ ଅଧ୍ୟକ୍ଷତାରେ ଅପରାହ୍ନ ୪ ଘଟିକା ସମୟରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କରୋନାର ଭୟାବହତା ଓ କଟକଣା ଯୋଗୁ ୨୦୨୦ ଏବଂ ୨୦୨୧ ଦୁଇ ବର୍ଷ ଧରି ଏହି ପୁସ୍ତକମେଳା ଅନୁଷ୍ଠିତ ହେବା ସମ୍ଭବ ହୋଇପାରି ନଥିଲା। ତେଣୁ ଚଳିତ ବର୍ଷ କଟକଣା ନଥିବାରୁ ଏହି ପୁସ୍ତକ ମେଳାର ଆୟୋଜନ କରାଯିବାକୁ ସ୍ଥିର କରାଗଲା। ବୈଠକର ପ୍ରାରମ୍ଭରେ ପୁସ୍ତକମେଳା ସହିତ ସଂପର୍କିତ ବହୁ ସକ୍ରିୟ କର୍ମକ ର୍ା ତଥା ସଦସ୍ୟ/ସଦସ୍ୟାଙ୍କ ବିୟୋଗରେ ଶୋକପ୍ରକାଶ କରାଯିବା ସହିତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଜିଲ୍ଲାସ୍ତରୀୟ ଅଧିକାରୀ ଏବଂ ସମସ୍ତ ସ୍କୁଲ କଲେଜର ଅଧକ୍ଷ ଓ ପ୍ରଧାନ ଶିକ୍ଷକ/ପ୍ରଧାନଶିକ୍ଷୟିତ୍ରୀଙ୍କ ସହିତ ଯୋଗାଯୋଗ କରାଯିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ଯାଜପୁରର ଜିଲ୍ଲାପାଳଙ୍କୁ ସାକ୍ଷାତ କରିବା ସହିତ ପୁସ୍ତକ ମେଳା ସହିତ ସଂପୃକ୍ତ ସମସ୍ତ ବିଭାଗ ସହିତ ସମନ୍ୱୟ ରକ୍ଷାକରିବା ନିମନ୍ତେ ପ୍ରସ୍ତାବ ଗୃହୀତ ହେଲା। ପିଲାମାନଙ୍କର ବୋଧଜ୍ଞାନର ଉ ରଣ ନିମନ୍ତେ ଏବଂ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁ ସମସ୍ତଙ୍କ ସହିତ ଯୋଗାଯୋଗ କରାଯିବାକୁ ବୈଠକରେ ସ୍ଥିର କରାଯାଇଥିଲା। ଏହି ବୈଠକରେ ଉପସଭାପତି ବିଭୂତି ମହାପାତ୍ର ଅତିଥିମାନଙ୍କୁ ସ୍ୱାଗତ କରିଥିଲେ। ସଂଗଠନ ସଂପାଦକ ହୃଷିକେଶ ପତି ବୈଠକ ପ୍ରାରମ୍ଭରେ ସ୍ତୋତ୍ରପାଠ କରିଥିଲେ, ପୂର୍ବଭଳି ଆସନ୍ତା ଡିସେମ୍ବର ୨୩ରୁ ୩୦ ତାରିଖ ପର୍ଯ୍ୟନ୍ତ ପୁସ୍ତକ ମେଳା କରାଯିବାକୁ ସ୍ଥିର କରାଗଲା। ଜିଲ୍ଲାସ୍ତରୀୟ ଅଧିକାରୀ ସହିତ ଆଲୋଚନା କରାଯାଇ ପୁସ୍ତକମେଳା ନିମନ୍ତେ ସଂରକ୍ଷଣ କରାଯିବା ପାଇଁ ସ୍ଥିର କରାଗଲା। ସଂପାଦକ ଡା. କାହ୍ନୁ ଚରଣ ମିଶ୍ର ପୁସ୍ତକମେଳାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ବୈଠକରେ ପ୍ରଫେସର ଉଦୟନାରାୟଣ ପରିଡ଼ା, ଶିକ୍ଷାବିତ୍ ଦଶରଥ ସାମଲ, ପ୍ରଫେସର ହରିଶ୍ଚନ୍ଦ୍ର ପଣ୍ଡା, ପ୍ରଶାସକ ଗଦାଧର ରାଉତ, ସୁବାସ ଚନ୍ଦ୍ର ମହାପାତ୍ର, ଅଧ୍ୟାପକ କ୍ଷୀରୋଦ କୁମାର ବେହେରା, ଆଡଭୋକେଟ୍ ଅଖିଳମୋହନ ଦାଶ, ବିଷ୍ଣୁ ଚରଣ ଦଳାଇ, ଅଭିମନ୍ୟୁ ମିଶ୍ର, ବୃନ୍ଦାବନ ମିଶ୍ର, ଅଧ୍ୟାପକ ନିତ୍ୟାନନ୍ଦ ଦେଓ, ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଶେଷରେ ସାଂସ୍କୃତିକ ସଂପାଦକ ପାଣ୍ଡବ ଚରଣ ସାହୁ ସାଂସ୍କୃତିକ କାର୍ଯ୍ୟକ୍ରମର ସମ୍ୟକ୍ ସୂଚନା ଦେବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୩, ଜୁଲାଇ ୧୭

# ପୂଜା ଚନ୍ଦନ



ଗଙ୍ଗାଧର ସାମଲ

ପୂଜା ସମୟରେ ଚନ୍ଦନ ଏକ ଅପରିହାର୍ଯ୍ୟ ବସ୍ତୁ । ଏହାକୁ ଭଗବାନଙ୍କ ଶୃଙ୍ଗାରର ମୁଖ୍ୟ ବସ୍ତୁ ବୋଲି କୁହାଯାଇଥାଏ । ଭଗବାନଙ୍କ ପୂଜାର ସମସ୍ତ ନୀତିରେ ଚନ୍ଦନର ବ୍ୟବହାର ହୋଇଥାଏ । ସାଧାରଣତଃ ଶୀତଳତା ପ୍ରଦାନ କରିବା ପାଇଁ ଚନ୍ଦନର ବ୍ୟବହାର କରାଯାଇଥାଏ । ଏହାର ସୁଗନ୍ଧ ବ୍ୟକ୍ତିକୁ ଆଧ୍ୟାତ୍ମିକତା ଆଡ଼କୁ ଆକର୍ଷିତ କରେ ବୋଲି ମଧ୍ୟ ବିଶ୍ୱାସ କରାଯାଏ । କେବଳ ସେତିକି ନୁହେଁ ଏହା ବ୍ୟକ୍ତିକୁ ସଜାଗ ରଖିଥାଏ ଓ ବ୍ୟକ୍ତିର ଇଚ୍ଛାକୁ ନିୟନ୍ତ୍ରଣ କରିଥାଏ । ଭଗବାନଙ୍କ ନିକଟରେ ଲାଗି ହୋଇଥିବା ଚନ୍ଦନକୁ ଭକ୍ତମାନେ ମଥାରେ ତିଳକ ଭାବେ ଲଗାଇଥାଆନ୍ତି । ଏହାକୁ ଭଗବାନଙ୍କ ଆଶୀର୍ବାଦର ମାନ୍ୟତା ଦିଆଯାଇଛି । ଭଗବାନଙ୍କୁ ଅର୍ପଣ କରାଯାଉଥିବା ଚନ୍ଦନ ଲେପକୁ ପୂଜକମାନେ ପବିତ୍ରତାର ସହ ତିଆରି କରିଥାଆନ୍ତି । କେବଳ ହିନ୍ଦୁ ଧର୍ମ ନୁହେଁ ବୌଦ୍ଧ ଧର୍ମ, ଜୋରାଷ୍ଟ୍ରୀୟ ଧର୍ମ ଇତ୍ୟାଦି ମଧ୍ୟ ଚନ୍ଦନକୁ ପୂଜା କାର୍ଯ୍ୟରେ ବିନିଯୋଗ କରିଥାଆନ୍ତି ।

*ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ,*
*ଦୂରଭାଷ : ୯୪୩୭୨୨୬୬୪୭*

# ବକ୍ସି ଜଗବନ୍ଧୁ



ବାଦଲ ଭୂୟାଁ

ପାଇକ ବିଦ୍ରୋହର କର୍ଣ୍ଣଧାର ଥିଲେ ବକ୍ସି ଜଗବନ୍ଧୁ ବିଦ୍ୟାଧର ମହାପାତ୍ର । ସିପାହୀ ବିଦ୍ରୋହର ଚାରି ଦଶନ୍ଧି ପୂର୍ବରୁ ୧୮୧୭ରେ ଘୁମୁସରର କନ୍ଧମାନଙ୍କ ଦ୍ୱାରା ଏହି ବିଦ୍ରୋହ ଆରମ୍ଭ ହୋଇଥିଲା । ଫିରିଙ୍ଗି ଶାସନ ବିରୋଧରେ ପାଇକ ବିଦ୍ରୋହର ମଙ୍ଗ ଧରିଥିଲେ ଏହି କ୍ରାନ୍ତିବୀର । ବକ୍ସି ଜଗବନ୍ଧୁଙ୍କ ଜୀବନକାଳ ଏ ପର୍ଯ୍ୟନ୍ତ ଅଜଣା ହୋଇରହିଛି । ୧୭୮୦ରୁ ୧୮୨୯ ମଧ୍ୟରେ ତାଙ୍କ ଜୀବନକାଳ ସୀମାବଦ୍ଧ ବୋଲି କେତେକ ଐତିହାସିକ ମତ ଦିଅନ୍ତି । କନ୍ଧମାନେ ସଂଗଠିତ ହୋଇ ବାଣପୁର ପର୍ଯ୍ୟନ୍ତ ଆସି ବ୍ରିଟିଶ ସଂପତ୍ତି ଲୁଣ୍ଠନ କରିବା ପରେ ପରେ ଖୋର୍ଦ୍ଧାର ପାଇକମାନେ ସେମାନଙ୍କ ସହ ଯୋଗଦେଇଥିଲେ । ପରିଣାମ ସ୍ୱରୂପ ବିଦ୍ରୋହ ବ୍ୟାପିଥିଲା । ବ୍ରହ୍ମଗିରି ଅନ୍ତର୍ଗତ ରୋଡ଼ଙ୍ଗର ଅଧିବାସୀ ବକ୍ସି ଜଗବନ୍ଧୁ ବଂଶାନୁକ୍ରମେ ଖୋର୍ଦ୍ଧା ରାଜାଙ୍କ ସେନାପତି ଥିଲେ । ଘୁମୁସର, ଶେରଗଡ଼ ଓ ବଡ଼ମ୍ବା ରାଜ ପରିବାରମାନଙ୍କ ସହ ତାଙ୍କର ପାରିବାରିକ ସଂପର୍କ ଥିଲା । ସେ ଥିଲେ ବିଶାଳ ଶରୀରର ଅଧିକାରୀ । ବେଶ ସୁସ୍ଥ ସବଳ ଓ ଶକ୍ତିଶାଳୀ ମଣିଷ । ଖୋର୍ଦ୍ଧାର କୌଣସି ଏକ ମନ୍ଦିରରେ ପଡ଼ି ରହିଥିବା ବିରାଟ ପଥର ଖଣ୍ଡକୁ ସେ ଉଠାଇ ପାରୁଥିଲେ । ରୋଡ଼ଙ୍ଗ ଜମିଦାରୀରୁ ତାଙ୍କୁ ଉଚ୍ଛେଦ କରିବା ଲାଗି ଷଡ଼ଯନ୍ତ୍ର ହେବାରୁ ଇଂରେଜ ବିରୋଧୀ ହୋଇଥିଲେ । ବିଦେଶୀଙ୍କୁ ତଡ଼ିବା ପାଇଁ ସେ ପାଇକମାନଙ୍କୁ ଏକତ୍ର କରିଥିଲେ । ବକ୍ସିଙ୍କ ନେତୃତ୍ୱରେ ପାଇକମାନେ ପୁରୀ ଦଖଲ କରିବାରେ ସଫଳ ହୋଇଥିଲେ । ପୁରୀର ଗଜପତି ରାଜା ଦ୍ୱିତୀୟ ମୁକୁନ୍ଦଦେବଙ୍କୁ ଖୋର୍ଦ୍ଧା ସିଂହାସନରେ ବସାଇବା ଥିଲା ତାଙ୍କର ଲକ୍ଷ୍ୟ । ତେବେ ରାଜା ରାଜି ନ ହେବାରୁ ବକ୍ସି ହତାଶ ହୋଇଥିଲେ । ଇଂରେଜମାନେ ଏକ ବର୍ଷ ମଧ୍ୟରେ ପାଇକ ବିଦ୍ରୋହକୁ ଦମନ କରିବାରେ ସଫଳ ହୋଇଥିଲେ ହେଁ ବକ୍ସିଙ୍କୁ ଛୁଇଁପାରି ନଥିଲେ । ତାଙ୍କର ପତ୍ନୀ, ପୁତ୍ର ଆଦିଙ୍କୁ ବନ୍ଦୀ କରାଯାଇଥିଲା । ଏହା ସତ୍ତ୍ୱେ ସେ ଆତ୍ମସମର୍ପଣ କରିନଥିଲେ । ଇଂରେଜମାନେ ଉପାୟହୀନ ହୋଇ ତାଙ୍କ ପରିବାରର ସଦସ୍ୟମାନଙ୍କୁ ମୁକ୍ତ କରିଥିଲେ । ବକ୍ସି ବଣ-ଜଙ୍ଗଲରେ ଲୁଚିରହି ୧୮୨୪ ପର୍ଯ୍ୟନ୍ତ ଇଂରେଜମାନଙ୍କର ମୁକାବିଲା କରିଥିଲେ । ଶେଷରେ ନୟାଗଡ଼ ରାଜାଙ୍କ ପରାମର୍ଶକ୍ରମେ ଆତ୍ମସମର୍ପଣ କରିଥିଲେ । ତାଙ୍କୁ କଟକରେ ନଜରବନ୍ଦୀ ରଖାଯାଇଥିଲା । ପ୍ରାୟ ତିନିବର୍ଷ ଆଠ ମାସ ନଜରବନ୍ଦୀ ରହିବା ପରେ ୧୮୨୯ ଜାନୁଆରୀ ଆଜିର ଦିନରେ ତାଙ୍କର ପରଲୋକ ହୋଇଥିଲା ।

*ପ୍ରତିଷ୍ଠାତା ସମ୍ପାଦକ 'ସିଂହଭୂମ', ୪ଜି ପ୍ରତାପ ଆପାର୍ଟମେଣ୍ଟ, ୭ ଏକ୍ସଟେନସନ ରୋଡ଼, ପୁରୁଣା ସୋନାରୀ, ଜାମସେଦପୁର,*
*ଦୂରଭାଷ : ୭୪୮୮୯୯୮୫୩୨ / ୯୨୦୪୬୫୨୦୬୫,*

# ଦୈନିକ ଆହାର ଖାଉଛନ୍ତି ୧ ଲକ୍ଷ, ତାହା ବି ନିଅଣ୍ଟ

**ଡାକ୍ତର ଦିଲ୍ଲୀପ କୁମାର ମହାରଣା**

ରାଜ୍ୟରେ ପ୍ରତିଦିନ ୧ ଲକ୍ଷ ଲୋକ ୫ଟଙ୍କାର ଆହାର ଖାଦ୍ୟ ଖାଉଛନ୍ତି । କିନ୍ତୁ ତାହା ବି ନିଅଣ୍ଟ ପଡୁଛି । ବଢୁଥିବା ଆବଶ୍ୟକତାକୁ ଦୃଷ୍ଟିରେ ରଖି ଖୁବଶୀଘ୍ର ଭୁବନେଶ୍ୱରରେ ଏମସରେ ଆଉ ଏକ କେନ୍ଦ୍ର ଖୋଲାଯିବାର ନିଷ୍ପତ୍ତି ହୋଇଛି । ବିଭିନ୍ନ ଜିଲ୍ଲାଗୁଡ଼ିକ ଆହାର କେନ୍ଦ୍ର ସଂଖ୍ୟା ବଢ଼ାଇବା ପାଇଁ ମଧ୍ୟ ପ୍ରସ୍ତାବ ବିଭିନ୍ନ ସ୍ଥାନରୁ ଆସୁଛି । ସରକାର ସୁଲଭ ମୂଲ୍ୟରେ ଅଭାବୀ ଲୋକମାନଙ୍କୁ ଏହି ଆହାର ବ୍ୟବସ୍ଥା କରୁଛନ୍ତି ଯାହା ଯଦିଓ ଯଥେଷ୍ଟ ହେଉନାହିଁ ।

ଅନେକ ସ୍ଥାନରେ ଦେଖାଯାଏ ଶ୍ରମିକମାନେ ଖାଇବା ସମୟକୁ ଆସିବା ବେଳକୁ ଖାଇବା ସରିଯାଉଛି । ଏହି ଲେଖକ ନିକଟରେ ଏକ ସତ୍ୟନିଷ୍ଠ ଘଟଣାକୁ ସାମ୍ନା କରିଥିଲା । ରାଜଧାନୀରେ କାର୍ଯ୍ୟରତ ନିର୍ମାଣ ଶ୍ରମିକ ତ୍ରିଲୋଚନ ଗଡ଼ିଆ ଝାଳନାଳ ହୋଇ ମଧ୍ୟାହ୍ନ ୧ଟା ବେଳକୁ ନୂଆପଲ୍ଲୀସ୍ଥିତ ଆହାର କେନ୍ଦ୍ରକୁ ଆସିବା ବେଳକୁ ଖାଦ୍ୟ ସରି ଯାଇଥିଲା ଏବଂ କେନ୍ଦ୍ର ମଧ୍ୟ ବନ୍ଦ ହେବାକୁ ବସିଥିଲା । ଏଠାରେ ପ୍ରତିଦିନ ୪୫୦ ଲୋକଙ୍କ ପାଇଁ ଖାଦ୍ୟ ବ୍ୟବସ୍ଥା ହୋଇଥାଏ । ତାହା ୧୧ଟାରୁ ଆରମ୍ଭ ହୋଇ ୧୨ଟା ବେଳକୁ ସରିଯାଉଥିବା କହିଛନ୍ତି ଏଠାରେ କାର୍ଯ୍ୟରତ କର୍ମଚାରୀ । ଅପରପକ୍ଷରେ ଏମସକୁ ପ୍ରତିଦିନ ୧୦ ହଜାର ରୋଗୀ ରାଜ୍ୟ ତଥା ରାଜ୍ୟ ବାହାରୁ ଆସନ୍ତି । ଏଥିସହିତ ଆହୁରି ଅନେକ ରୋଗୀ ଏଠାରେ ବିଭିନ୍ନ ସ୍ଥାନରେ ରହି ଚିକିତ୍ସିତ ହୁଅନ୍ତି । ସମସ୍ତଙ୍କ ପାଇଁ ରାନ୍ଧି ଖାଇବା କିମ୍ବା ହୋଟେଲରେ ଖାଇବା ସମ୍ଭବ ହୁଏ ନାହିଁ । ଏଠାରେ ଆହାର କେନ୍ଦ୍ର ଥିଲେ ମଧ୍ୟ ତାହା ଯଥେଷ୍ଟ ହେଉନାହିଁ । ତେବେ ଆହାର କେନ୍ଦ୍ରର କେତେକ ସ୍ଥାନରେ କର୍ମଚାରୀମାନେ ସୁଲଭ ମୂଲ୍ୟର ଖାଦ୍ୟକୁ ସେମାନଙ୍କର ଚିହ୍ନା ପରିଚିତଙ୍କୁ ଯୋଗାଉଛନ୍ତି ଆଉ କେତେକ କ୍ଷେତ୍ରରେ ବିକ୍ରି କରିଦେଉଥିବାର ଅଭିଯୋଗ ମଧ୍ୟ ଉଠୁଛି । ସେହିପରି ବେଳେ ବେଳେ ବଡ଼ ରାଜନୈତିକ ଦଳର କର୍ମୀମାନଙ୍କର କାର୍ଯ୍ୟକ୍ରମ ଥିଲେ ସେମାନେ ଜୋର ଜବରଦସ୍ତ ଆହାର କେନ୍ଦ୍ରରେ ଧସେଇ ପଶି ସେହି ଖାଦ୍ୟ ଖାଉଥିବାର ଅଭିଯୋଗ ଗଣମାଧ୍ୟମରୁ ଦେଖିବାକୁ ମିଳିଥାଏ । ତେବେ ଏ ନେଇ ସରକାରଙ୍କ ବିଧିବଦ୍ଧ ଭାବେ କୌଣସି ଲଗାମ ରହୁନାହିଁ ।

କ୍ୟାପିଟାଲ ହସ୍ପିଟାଲସ୍ଥିତ ଆହାର କେନ୍ଦ୍ର ପ୍ରତିଦିନ ଲମ୍ବା ଧାଡ଼ିରୁ ଏହାର ଆବଶ୍ୟକତା ସ୍ପଷ୍ଟ ହୁଏ । ଭୁବନେଶ୍ୱରରେ ୧୧ଟି କେନ୍ଦ୍ରରେ ପ୍ରତିଦିନ ୬ ହଜାର ଲୋକ ଆହାର ଖାଉଥିବାବେଳେ ସମ୍ବଲପୁର ମହାନଗର ନିଗମର ୫ଟି କେନ୍ଦ୍ର ଜରିଆରେ ୪୬୦୦ ଲୋକ ଖାଇଥାନ୍ତି । କିନ୍ତୁ ଏଠାରେ ମଧ୍ୟ ସମାନ ସ୍ଥିତି । ବୁର୍ଲାରେ ପ୍ରତିଦିନ ୧୮୦୦ ଲୋକ ଖାଉଥିବା ଖାଦ୍ୟ ଏକ ଘଣ୍ଟା ମଧ୍ୟରେ ସରିଯାଏ । ଶିଳ୍ପାଞ୍ଚଳ ହୀରାକୁଦରେ ଅନେକ ସଂଖ୍ୟାରେ ଶ୍ରମିକ ଥିବାରୁ ସେଠାରେ ନୂତନ ଆହାର କେନ୍ଦ୍ର ଖୋଲିବା ପାଇଁ ଅନେକ ଦିନରୁ ଦାବି ହେଉଛି । କଟକରେ ୧୧ ଆହାର କେନ୍ଦ୍ରରେ ୭ ହଜାର ଲୋକଙ୍କ ପାଇଁ ଆହାର ବ୍ୟବସ୍ଥା ରହିଛି । ଏଥିରୁ ସର୍ବାଧିକ ଚାହିଦା ଏସସିବିରେ ରହିଛି । ପ୍ରବାସୀ ଶ୍ରମିକ, ରୋଗୀ, ପରିଜନଙ୍କ ସହିତ ବାହାରେ ରହି ପଢୁଥିବା କିମ୍ବା ପ୍ରତିଯୋଗିତା ମୂଳକ ପରୀକ୍ଷା ପ୍ରସ୍ତୁତ ହେଉଥିବା ବିଦ୍ୟାର୍ଥୀଙ୍କ ପାଇଁ ଆହାରରେ ଆବଶ୍ୟକତା ଅଧିକ । କରୋନା ପରେ ଲୋକଙ୍କ ଆର୍ଥିକ ସ୍ଥିତି ଗୁରୁତର ପ୍ରଭାବିତ ହେବା ଏବଂ ରୋଜଗାର ଅନ୍ୱେଷଣରେ ସହରକୁ ଅଧିକ ସଂଖ୍ୟାରେ ଶ୍ରମିକ ଆସୁଥିବାରୁ ଆହାର ଚାହିଦା ବଢ଼ିବାରେ ଲାଗିଛି । ରନ୍ଧନ ଗୃହର ସଫେଇ ପାଇଁ ରବିବାର ଆହାର କେନ୍ଦ୍ର ବନ୍ଦ କରାଯାଏ । ବିକଳ୍ପ ବ୍ୟବସ୍ଥା କରି ରବିବାର ମଧ୍ୟ ଆହାର କେନ୍ଦ୍ର ଖୋଲିବା ପାଇଁ ବିଭିନ୍ନ ସ୍ଥାନରୁ ଦାବି କରାଯାଉଛି । କେବଳ ଖାଦ୍ୟ ହେବା ଯଥେଷ୍ଟ ନୁହେଁ ରାଜ୍ୟ ସରକାରଙ୍କ ପକ୍ଷରୁ ପରିଛନ୍ନତା ଗୁରୁତ୍ୱ ଦେଇ ଆହାର କେନ୍ଦ୍ର ମାନଙ୍କରେ ଶୌଚାଳୟ, ଭେଣ୍ଟିଲେଟର, ବାସନ ମାଜିବା ପାଇଁ ଡିସୱାସ ଆଦି ସର୍ବନିମ୍ନ ବ୍ୟବସ୍ଥା ରହିବାକୁ କୁହାଯାଇଛି । ଅନେକ କେନ୍ଦ୍ରରେ ଏହି ସୁବିଧା ନାହିଁ । ଏପରିକି ଖାଦ୍ୟର ଗୁଣାତ୍ମକମାନ ହ୍ରାସ ନ ପାଉ ଏଥିପାଇଁ ଅଧିକାରୀ ମାନଙ୍କୁ ସପ୍ତାହରେ ଥରେ ଆହାର କେନ୍ଦ୍ର ଖାଦ୍ୟ ଖାଇବା ପାଇଁ ନିର୍ଦ୍ଦେଶ ଜାରି ବେଳେ ଅନେକ ଅଧିକାରୀ ଆହାର କେନ୍ଦ୍ରକୁ ଯାଇ ଖାଦ୍ୟ ଖାଇଥିଲେ । ମାତ୍ର ବର୍ତ୍ତମାନ ସ୍ଥିତିରେ ଭୁବନେଶ୍ୱର ସମେତ ରାଜ୍ୟର କେତୋଟି ଜିଲ୍ଲାରେ ଅଧିକାରୀମାନେ ଆହାର ସ୍ୱାଦ ଚାଖୁଛନ୍ତି ତାକୁ ନେଇ ସନ୍ଦେହ ରହିଛି । କିଛି ଦାତବ୍ୟ ସଙ୍ଗଠନ ଓ ବଦାନ୍ୟ ବ୍ୟକ୍ତି ବିଶେଷ ଗରିବ ଲୋକମାନଙ୍କୁ ନାରାୟଣ ସେବା ମାଧ୍ୟମରେ ଖାଦ୍ୟ ବଣ୍ଟନ କରୁଥିବାରୁ ଆହାର କେନ୍ଦ୍ର ଉପରୁ ଚାପ ସ୍ୱାଭାବିକ ଭାବେ କମୁଛି । ଏହି ଲେଖକ ଶ୍ରୀସତ୍ୟସାଇ ସେବା ସଙ୍ଗଠନର ଜଣେ ସକ୍ରିୟ ସେବାଦଳ କର୍ମୀ ହୋଇଥିବାରୁ ସଙ୍ଗଠନ ପକ୍ଷରୁ ନାରାୟଣ ସେବା କାର୍ଯ୍ୟକ୍ରମରେ ନିଜେ ସାମିଲ ହୋଇଛି । ଓଡ଼ିଶା ରାଜ୍ୟ ଆହାର ସୋସାଇଟି ମାଧ୍ୟମରେ ୩୦ ଜିଲ୍ଲା ଏବଂ ୧୧୫ ଅର୍ବାନ ଲୋକାଲ ବଡ଼ିର ୧୬୭ କେନ୍ଦ୍ରରେ ଆହାର ଦିଆଯାଉଛି । ଏଥିପାଇଁ ୪କୋଟି ଟଙ୍କା ଖର୍ଚ୍ଚ ହେଉଛି । ଆହାରରେ ହେଉଥିବା ସମୁଦାୟ ଖର୍ଚ୍ଚ ୨୩ ଟଙ୍କାରୁ ୧୮ ଟଙ୍କା ସରକାର ଏବଂ ୫ଟଙ୍କା ଲୋକେ ବହନ କରନ୍ତି । ଟଙ୍କାର କୌଣସି ଅଭାବ ନାହିଁ । ଜିଲ୍ଲାପାଳମାନେ ନିଜେ ଚାହିଁଲେ ମିଲ ସଂଖ୍ୟା ବଢ଼ାଇ ପାରିବେ ବୋଲି ସୁଦ୍ଧା କହିଛି । ପୂର୍ବରୁ ମାନ୍ନା ଟ୍ରଷ୍ଟ ଜରିଆରେ ଆହାର ପରିଚାଳିତ ହେଉଥିବାବେଳେ ସେମାନେ ନିଜସ୍ୱ ଗୋଟିଏ ରୋଷେଇ ଗୃହରେ ଖାଦ୍ୟ ପ୍ରସ୍ତୁତ କରି କେନ୍ଦ୍ର ମାନଙ୍କୁ ପଠାଉଥିଲେ । ବର୍ତ୍ତମାନ ଏସଏଚଜି ଗୁଡ଼ିକ ଆହାର କେନ୍ଦ୍ର ପରିଚାଳନା କରୁଛନ୍ତି । ଏହି ବ୍ୟବସ୍ଥାରେ ପ୍ରତ୍ୟେକ କେନ୍ଦ୍ରରେ ନିଜସ୍ୱ ରୋଷେଇ ଗୃହ ନିର୍ମାଣ ପାଇଁ ନିର୍ଦ୍ଦେଶ ହୋଇଛି । ଏଥିପାଇଁ ୩୨ ଲକ୍ଷ ଟଙ୍କା ଦିଆଯାଇଛି । ଯେଉଁ କେନ୍ଦ୍ରଗୁଡ଼ିକରେ ଏହାର ନିର୍ମାଣ କାର୍ଯ୍ୟ ସରି ନାହିଁ ଶୀଘ୍ର ସାରିବା ପାଇଁ ନିର୍ଦ୍ଦେଶ ହୋଇଛି । ଏପରିକି ଆଗାମୀ ଦିନରେ ଭାତ, ଡାଲମା ସହିତ ତରକାରି କିମ୍ବା ଭଜା ସାମିଲ ପାଇଁ ବିଚାର କରାଯାଉଥିବା ନେଇ ସୂଚନା ମିଳିଛି । ତେବେ ଏହା ସତକଥା ରାଜ୍ୟରେ ଆହୁରି ଆହାର କେନ୍ଦ୍ର ଖୋଲା ଯିବାର ଦରକାର ପଡୁଛି ।

*ଶିଖରପୁର ଉପରସାହି, କଟକ,*
*ଦୂରଭାଷ : ୮୨୮୦୯୬୩୨୮୩*

# ଧର୍ମୋ ରକ୍ଷତି ରକ୍ଷିତଃ



ଉମାଶଙ୍କର ପ୍ରସାଦ

"ସତ୍ୟ ବୃୟାତ୍, ପ୍ରିୟଂ ବୃୟାତ୍ ମାବୃୟାତ୍ ସତ୍ୟମପ୍ରିୟମ୍" । ଏହା ଏକ ଆପ୍ତ ବାକ୍ୟ । କିଏ, କାହିଁକି, କେଉଁ ପରିପ୍ରେକ୍ଷିରେ ଏ ବାକ୍ୟଟି ଉଚ୍ଚାରଣ କରିଥିଲା, ସେ କଥାକୁ ଆଜି ଖୋଜିବାରେ କିଛି ଯଥାର୍ଥତା ନାହିଁ । ମାତ୍ର ଏ କଥା ନିଶ୍ଚିତ ଯେ, ଏହା ଏକ କାପୁରୁଷର ବାଣୀ ଅଥବା ଏକ ସ୍ତାବକର ସଂଳାପ ମାତ୍ର । ଯେହେତୁ ସତ୍ୟ ସର୍ବଦା ସର୍ବତ୍ର ସତ୍ୟ । ତେଣୁ କୁହାଯାଏ 'ସତ୍ୟ ସ୍ୟ ଯୋଗୀ ନିହିତଂଚ ସତ୍ୟେ', ଏଥିରେ ପ୍ରିୟ ବା ଅପ୍ରିୟ ଭଳି ବିଶେଷଣକୁ ସଂଯୋଗ କଲେ, ସତ୍ୟର ପ୍ରଳାପ ହେବ ନିଶ୍ଚୟ । ଏହି 'ମା ବୃୟାତ୍ ସତ୍ୟମପ୍ରିୟମ୍' କୁ ମାନିନେଇ ଆଜି ସମାଜ ଏବଂ ଆମେମାନେ ଦିଗଭ୍ରଷ୍ଟ । ଫଳତଃ ଆମେ ଆଜି ଶଙ୍କା ଆଶଙ୍କାର ବଳୟ ଭିତରେ ରହି ନିଜର ଶୌର୍ଯ୍ୟ, ବୀର୍ଯ୍ୟ, ମାତୃଭାଷା ତଥା ମାତୃଭୂମିକୁ ମଧ୍ୟ ଭୁଲିବାକୁ ବସିଲୁଣି । ସତ୍ୟ ହିଁ ଧର୍ମ ଏ କଥାକୁ ଆଜି ପ୍ରାୟ ସମସ୍ତେ ଏକପ୍ରକାର ପାଶୋରି ଦେଲେଣି । ଯେତେବେଳେ ଆମ ଓଡିଶାକୁ ଆସି ଚୈତନ୍ୟ ମହାପ୍ରଭୁ ବୈଷ୍ଣବ ଧର୍ମ ପ୍ରଚାର କଲେ, ଫଳତଃ ଆମ ଓଡିଶାର ଦୁର୍ଦ୍ଧର୍ଷ ସେନାବାହିନୀ ଗୋଟିଏ ଗୋଟିଏ ସଂକୀର୍ତ୍ତନ ମଣ୍ଡଳୀରେ ପରିଣତ ହେଲା ଯାହାକୁ ଲକ୍ଷ କରି ପଣ୍ଡିତ ଗୋଦାବରୀଶ ମିଶ୍ର ଆତ୍ମଗ୍ଳାନୀରେ ଲେଖିଥିଲେ, " ସେ ଦିନୁ ଏ ଦେଶ ଗାଦିରେ ତ ଆଉ ନାହାଁନ୍ତି ଲୋ ଗଜପତି, ଖଣ୍ଡାୟତ ଖଣ୍ଡା ଫୋପାଡି ଦେଇଲୋ ଧଇଲେ ଲଙ୍ଗଳ କ୍ଷି ।"

ଏହାର ଏକମାତ୍ର କାରଣ ହେଲା 'ରାଜାନୁବର୍ତ୍ତ ଧର୍ମ' । ନିଜେ ଗଜପତି ମହାରାଜ ପ୍ରତାପରୁଦ୍ର ଦେବ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କୁ ଗ୍ରହଣ କରିନେଲେ, ତେଣୁ " ମାବୃୟାତ୍ ସତ୍ୟମ-ପ୍ରିୟମ୍" ଆପ୍ତବାକ୍ୟର ପ୍ରଭାବରେ ପ୍ରଭାବିତ ପ୍ରଜା ପାଟକମାନେ ମଧ୍ୟ ତାଙ୍କୁ ଅନୁସରଣ କରିଗଲେ । ଆଉ ଗୋଟିଏ ଉଦାହରଣ ହେଲା ଆମର ମାର୍ଗଦର୍ଶନକାରୀ ବେଦ ଚତୁଷ୍ଟ, ଆରଣ୍ୟକ,ଉପନିଷଦ, ପୁରାଣ ଆଦିରେ 'ହିନ୍ଦୁ' ବା 'ହିନ୍ଦୁସ୍ଥାନ' ଶବ୍ଦର ପ୍ରୟୋଗ ନାହିଁ, କିନ୍ତୁ 'ମା ବୃୟାତ୍ ସତ୍ୟମପ୍ରୀୟମ୍' ଆପ୍ତବାକ୍ୟରେ ଉଦ୍‌ବୁଦ୍ଧ ହୋଇ, ଆମେ ଆମର ଧର୍ମର ନାମ 'ହିନ୍ଦୁ ଧର୍ମ' ତଥା ଆମ ମାତୃଭୂମିର ନାମ 'ହିନ୍ଦୁସ୍ଥାନ' ବୋଲି କହି ଚାଲିଛୁ । ଏହାର ଅତିତ ଇତିହାସ ତଥା ମୂଳ ତତ୍ତ୍ୱକୁ ଅନୁଶୀଳନ କଲେ ଦେଖାଯାଏ ଯେ, ବହୁ ଶତାବ୍ଦୀ ପୂର୍ବେ, ହିମାଳୟ ପର୍ବତର ଉତରପଶ୍ଚିମ ଭାଗରେ ଥିବା ଖାଇବର, ବୋଲାନ, ଟୋଚି ଗିରିପଥ ଦେଇ ପାରସ୍ୟ ଦେଶର କେତେକ ଲୋକ ସର୍ବପ୍ରଥମେ ଆମ ଦେଶକୁ ଆସି ସିନ୍ଧୁନଦୀ ଉପତ୍ୟକାରେ ବସବାସ କରି ଆମ ପୂର୍ବଜମାନଙ୍କୁ ତଥା ତାଙ୍କର ବିଶାଳସଭ୍ୟତା ଓ ସଂସ୍କୃତିକୁ ସଂଦର୍ଶନ କରିଥିଲେ । ପାର୍ସୀ ଭାଷାରେ ଯେହେତୁ 'ସ' ର ଉଚ୍ଚାରଣ ନାହିଁ ଓ ସେମାନେ 'ସ' ସ୍ଥାନରେ 'ହ' ର ପ୍ରୟୋଗ କରନ୍ତି । ତେଣୁ 'ସିନ୍ଧୁ' କୁ ହିନ୍ଦୁ ତଥା ଆମ ପୂର୍ବଜମାନେ ବସବାସ କରି ରହୁଥିବା ସୈନ୍ଧବ ଉପତ୍ୟକାକୁ 'ହିନ୍ଦୁସ୍ଥାନ' ବୋଲି ତାଙ୍କ ଭାଷାରେ ଉଚ୍ଚାରଣ କରିବା ତାଙ୍କ ପାଇଁ ହୁଏତ ଭୁଲ ନୁହେଁ, କିନ୍ତୁ ଅଦ୍ୟାବଧି ଆମେ ଆମକୁ 'ହିନ୍ଦୁ' ଓ ଆମ ମାତୃଭୂମିକୁ 'ହିନ୍ଦୁସ୍ଥାନ' ବୋଲି କହି ଚାଲିଛୁ ! ଏହା ଏହି " ମାବୃୟାତ୍ ସତ୍ୟମପ୍ରିୟମ" ର ପ୍ରଭାବ ନିଶ୍ଚୟ ।

ବେଦ ହେଉଛି ଆମ ଧର୍ମର ମୂଳ ଉତ୍ସ । ବର୍ତ୍ତମାନ ଜାଣିବା ଧର୍ମ କ'ଣ ? ଧର୍ମ କହିଲେ, ଆମେ ବୁଝୁ ହିନ୍ଦୁଧର୍ମ, ଖ୍ରୀଷ୍ଟିୟାନ ଧର୍ମ, ବୌଦ୍ଧଧର୍ମ, ଜୈନଧର୍ମ, ମୁସଲମାନ ଧର୍ମ । ଏ ସବୁ କେହି ଧର୍ମ ନୁହଁନ୍ତି । ଏ ସବୁ କେବଳ ଗୋଟିଏ ଗୋଟିଏ ସମ୍ପ୍ରଦାୟ ମାତ୍ର । ଯେତେ ଚିନ୍ତାଶୀଳ ମହାମନିଷୀଗଣ ଧର୍ମ ଶବ୍ଦର ବ୍ୟାଖ୍ୟା କରିଯାଇଛନ୍ତି, ତନ୍ମଧ୍ୟରେ ମହର୍ଷି କଣାଦଙ୍କର ବ୍ୟାଖ୍ୟା ସବୁଠାରୁ ଅଧିକ ସ୍ପଷ୍ଟ । ତାଙ୍କ କହିବା ଅନୁସାରେ " ଯତୋଭ୍ୟୁଦୟ ନିଃଶ୍ରେୟ ସିଦ୍ଧିଃ, ସ ଧର୍ମ" । ଅର୍ଥାତ ଯାହା ଇହଲୋକରେ ଉନ୍ନତି ଓ ପରଲୋକରେ କଲ୍ୟାଣ (ମୋକ୍ଷ) ପ୍ରଦାନ କରିପାରେ, ତାହା ହିଁ ଧର୍ମ ନାମରେ ଆଖ୍ୟାତ । ମୋଟା ମୋଟି ବୁଝିବାକୁ ଗଲେ ଯେଉଁ ପ୍ରକ୍ରିୟା ଦ୍ୱାରା ମନୁଷ୍ୟର ଶାରୀରିକ, ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ଜୀବନର ସମୃଦ୍ଧି ପରିଲିକ୍ଷିତ ହୁଏ , ସେହି ପ୍ରକ୍ରିୟାର ନାମ ହିଁ 'ଧର୍ମ' । ବେଦ କହେ ସତ୍ୟ ଓ ଧର୍ମ ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ଭଳି । ଯେଉଁଠି ସତ୍ୟ ସେଠାରେ ଧର୍ମ ରହିଥାଏ । ସତ୍ୟ, ଧର୍ମ ସହିତ ତ୍ୟାଗର ମାର୍ଗ ଅବଲମ୍ବନ ନକଲେ ମନୁଷ୍ୟ ଲକ୍ଷ ସ୍ଥଳରେ ପହଞ୍ଚି ପାରିବ ନାହିଁ । ସେଥିପାଇଁ ବେଦ କହେ " ଉତିଷ୍ଠତ, ଜାଗ୍ରତ, ପ୍ରାପ୍ୟବରାନ୍ନି ବୋଧତେ" । ବରାନ୍ ଅର୍ଥାତ ଚରମ ଲକ୍ଷକୁ ପ୍ରାପ୍ତ ହୁଅ । ଏ ଚରମ ଲକ୍ଷ କ'ଣ ? ଏହି ଚରମ ଲକ୍ଷ ହେଉଛି, ଆତ୍ମତତ୍ତ୍ୱ ବା ଆତ୍ମଜ୍ଞାନ ଲାଭ କରିବା । ଏବେ ଆମେ ଆତ୍ମତତ୍ତ୍ୱର ଅନୁଶୀଳନ ଛାଡି, ଆତ୍ମପ୍ରତାରଣାରେ ବ୍ୟସ୍ତ, ଅର୍ଥାତ ଆତ୍ମସର୍ବସ୍ୱ ହୋଇପଡିଛୁ ତେଣୁ ଦୁଃଖ ପାଉଛୁ । ବର୍ଣ୍ଣାଶ୍ରମ ଧର୍ମାନୁସାରେ ବ୍ରାହ୍ମଣ ନିଜର ଜ୍ଞାନ ଦ୍ୱାରା ସମାଜକୁ, କ୍ଷତ୍ରିୟ କର୍ମ ଦ୍ୱାରା ସମାଜକୁ ରକ୍ଷା କରୁଥିଲା, ବୈଶ୍ୟ ସମାଜକୁ ଗ୍ରାସାଚ୍ଛାଦନ ଯୋଗାଇ ଦେଉଥିଲା ଏବଂ ଶୁଦ୍ର ସେବା ଦ୍ୱାରାସମାଜର କଲ୍ୟାଣ କରୁଥିଲା । ମାତ୍ର ଆଜି ଏ ବର୍ଣ୍ଣାଶ୍ରମ ଧର୍ମର ଅନୁଶାସନ ସବୁ ଓଲଟ ପାଲଟ ହୋଇଯାଇଛି । ସମାଜର ପ୍ରତ୍ୟେକ ବ୍ୟକ୍ତିର ଆକାଂକ୍ଷା ଯେପରି ପ୍ରବୃତ୍ତିମୂଳକ 'ଗୁଣ କର୍ମ ବିଭାଗସଃ' ବା ସ୍ୱଧର୍ମେ ନିଧନଂ ଶ୍ରେୟଃ' ହେବ ଏ ସବୁର ବ୍ୟବସ୍ଥାକୁ କଡା କଡି ପାଳନ କରିବାକୁ ସ୍ଥୁଳତଃ "ରାଜନୀତି" କୁହାଯାଉଥିଲା ।

ମାତ୍ର ଆଜି ଏବେ ସେସବୁ ବିପର୍ଯ୍ୟସ୍ତ । ପ୍ରତ୍ୟେକ ଲୋକ ଆଜି ସମ୍ମାନ, ପ୍ରଭୁତ୍ୱ ଓ ସମ୍ପତ୍ତିର ଅଧିକାରୀ ହେବାକୁ ଅନ୍ୟକୁ ଅସ୍ତବ୍ୟସ୍ତ କରିବାରେ ଆଗ୍ରହୀ । ଜଣକ ପାଖରେ ସମ୍ମାନ, ପ୍ରଭୁତ୍ୱ ଓ ସମ୍ପତ୍ତି କେନ୍ଦ୍ରୀଭୂତ ହେବା ହେତୁ , ଆଜି ସମାଜରେ ଅନର୍ଥ ସୃଷ୍ଟି ହେଉଛି । କାରଣ ଅର୍ଥ ହିଁ ଅନର୍ଥର କାରଣ । ପ୍ରବୃତ୍ତିଗତ କାର୍ଯ୍ୟର ଉପଯୁକ୍ତ ମୂଲ୍ୟାୟନ ନ ହେଉଥିବାରୁ ଆଜି ପ୍ରତ୍ୟେକ ନିଜ ନିଜର ଧର୍ମ ଓ କର୍ମରୁ ବିଚ୍ୟୁତ ହେଲେଣି । ସ୍ୱାଭାବିକ ପ୍ରବୃତ୍ତିର ସୁଯୋଗ ନ ନେଇ, କର୍ତ୍ତବ୍ୟ ନକରି, ଚାଟୁକାରୀ ଅଧମ ପ୍ରବୃତି ପ୍ରାପ୍ତିର ଲାଳସା ବଢ଼ିବାରେ ଲାଗିଛି । ସମସ୍ତେ ଆଜି ଭୋଗୀ ପାଇଁ ବ୍ୟଗ୍ର, ତ୍ୟାଗ କରିବାକୁ କେହି ରାଜି ନୁହଁନ୍ତି । " ଈଶାବାସ୍ୟମିଦଂ ସର୍ବଂ, ଯକ୍ତଂଚ ଜଗତ୍ୟାଂ ଜଗତ୍" । ଏହି ବେଦ ଅନୁଶାସନକୁ ସମସ୍ତେ ଭୁଲିଗଲେଣି । ଦିନ ଥିଲା ଯେତେବେଳେ ଗୁରୁଙ୍କ ନିକଟରେ କଠୋର ବ୍ରହ୍ମଚର୍ଯ୍ୟ ଆଚରଣ ପୂର୍ବକ ବିଦ୍ୟା ଶିକ୍ଷା କରିବା ଦ୍ୱାରା ବିଦ୍ୟାର୍ଥୀମାନେ ସେମାନଙ୍କ ବଳିଷ୍ଠ ଚରିତ୍ର ଗଠନ କରୁଥିଲେ । ମାତ୍ର ଆଜି ସେ ଭଳି ଗୁରୁ ନାହାଁନ୍ତି , ଶିଷ୍ୟ ଙ୍କ କଥା ଛାଡ । ବ୍ରହ୍ମଚର୍ଯ୍ୟ ମନୁଷ୍ୟକୁ ପ୍ରଜ୍ଞା ଓ ଚେତନାର ମହୀୟସୀ ଶକ୍ତି ପ୍ରଦାନ କରିଥାଏ । କୃଷି, ଗୋରକ୍ଷା ଆଦି ଶ୍ରମ, ଆଶ୍ରମ ଶିକ୍ଷାର ଅପରିହାର୍ଯ୍ୟ ଅଙ୍ଗ ଥିଲା । ଗୁରୁ-ଶିଷ୍ୟ ଙ୍କ ର ସମ୍ବନ୍ଧ ପିତାପୁତ୍ରର ସମ୍ବନ୍ଧ ତୁଲ୍ୟ ଥିଲା । "ଯୁସ୍ତୁ କ୍ରିୟାବାନ ପୁରୁଷଃ, ସ ବିଦ୍ୱାନ" । ଦିବ୍ୟସ୍ରଷ୍ଟା ଗୁରୁମାନଙ୍କ ସାହଚାର୍ଯ୍ୟରେ ସେମାନଙ୍କର ଜୀବନ ଥିଲା ଦିବ୍ୟ ଓ ଅନାବିଳ । କିନ୍ତୁ ଆଜି ଗୁରୁ ଧନ ଲୋଭୀ ଶିଷ୍ୟ ବିପଥଗାମୀ ।

ଆଜି ସତ୍ୟ ଓ ଧର୍ମରୁ ସମସ୍ତେ ବିଚ୍ୟୁତ । ଆଜି ସମାଜରେ ପତି ପତ୍ନିଙ୍କ ସମ୍ପର୍କ ଅନାବିଳ ଜାଗାରେ ସ୍ୱତନ୍ତ୍ରତା ଅବଲମ୍ବନ କଲାଣି । ଆଜିର ସ୍ୱାମୀମାନେ ନିଜର ପତ୍ନୀ ବା ସ୍ତ୍ରୀ କୁ ସହଧର୍ମିଣୀ କହିବାକୁ କୁଣ୍ଠାବୋଧ କଲେଣି ସେଥିପାଇଁ ସ୍ତ୍ରୀକୁ ଡସଲର ବୋଲି ପରିଚୟ କରାଇଲେଣି । ଯାହାର ଆକ୍ଷରିକ ଅର୍ଥ ହେଉଛି "ଙ୍ଗକ୍ଟକ୍ସକ୍ସରସ୍ୱ ସଭଙ୍ଗସପ୍ତରୟ ଲକ୍ଟକ୍ସ ରଙ୍ଗରକ୍ସ" ଯାହା ବାସ୍ତବ ସତ୍ୟ, କାରଣ ପତ୍ନୀ ଆସିଗଲେ ପତିର ଦାୟିତ୍ୱ ବଢିଯାଏ । ଆଜି ସମାଜରେ ବିଚାରରେ ବିପର୍ଯ୍ୟୟ ଘଟିଲାଣି । ପୁରୁଷ ବୃଦ୍ଧ ହୋଇଯାଇଥିଲେ ମଧ୍ୟ ଶାରୀରିକ ସୌନ୍ଦର୍ଯ୍ୟ ତଥା ଯୌବନ ପ୍ରାପ୍ତି ପାଇଁ ବିଭିନ୍ନ କୌଶଳ ଅବଲମ୍ବନ କରିବା ସହ ହେୟାର କଲର, ଡ୍ରେସିଙ୍ଗ କରିବାରେ ଲାଗିଛନ୍ତି । ଭୋଗ କରିବାର ଶକ୍ତି ନଥିଲେ ମଧ୍ୟ ଭୋଗର ଲିପ୍‌ସା ବଢି ଚାଲିଛି । ସେଥିପାଇଁ ମୋହ ମୁଦ୍ଗର ରେ ଶଙ୍କରାଚାର୍ଯ୍ୟ କହିଛନ୍ତି "ଅଙ୍ଗ ଗଳିତଂ ପଳିତଂ ମୁଣ୍ଡଂ, ଦଶନ ବିହୀନଂ ଯାତଂ ତୁଣ୍ଡଂ କରଧୃତ କମ୍ପିତ ଶୋଭିତ ଦଣ୍ଡଂ, ତଦପି ନ ମୁଞ୍ଚତି ଆଶା ଭାଣ୍ଡଂ" । ଏସବୁର ଏକମାତ୍ର କାରଣ ହେଉଛି, ଭୋଗର ଲିପ୍ସା । ତେଣୁ ବ୍ୟକ୍ତିଗତ, ପାରିବାରିକ, ସାମାଜିକ ତଥା ରାଷ୍ଟ୍ରୀୟ ଜୀବନରେ ବିଶୃଙ୍ଖଳା ଦେଖାଦେଇଛି । ପିତାପୁତ୍ରରେ, ଶାଶୂବୋହୂରେ, ଶ୍ରମିକ ମାଲିକଙ୍କ ମଧ୍ୟରେ କଳହ, ମତାନ୍ତର ତଥା ମନାନ୍ତର ବଢିଚାଲିଛି । ଏ ସବୁ ପାଇଁ ଗୃହକର୍ତ୍ତା ଠାରୁ ଆରମ୍ଭକରି ଧର୍ମାଚାର୍ଯ୍ୟ, ସମାଜ ତଥା ରାଷ୍ଟ୍ରନାୟକ ମାନେ ଦାୟୀ । ଅବସର ଗ୍ରହଣ କରିବା ପରେ ଅଭିଜ୍ଞ କର୍ମଚାରୀ ଓକିଲ, ଡାକ୍ତର ତଥା ନେତାମାନେ ବାନପ୍ରସ୍ଥାଶ୍ରମୀ ମାନଙ୍କ ପରି ସ୍ଥାନ ପୁରଣ କରି ଯୁବପିଢିଙ୍କୁ ତାଙ୍କ ଜୀବନଯାତ୍ରା ପଥରେ ଆତ୍ମପ୍ରତ୍ୟୟ ତଥା ଆଶ୍ୱାସନା ଦେଇ ସେମାନଙ୍କ ମାର୍ଗଦର୍ଶକ ଭାବରେ କାର୍ଯ୍ୟ କରିବା ଉଚିତ । ଫଳତଃ ପରସ୍ପର ମଧ୍ୟରେ ଆନୁଗତ୍ୟ ତଥା ସୁସମ୍ପର୍କ ପ୍ରତିଷ୍ଠିତ ହୋଇଥାଏ । ତେଣୁ ସତ୍ୟର ପ୍ରତିଷ୍ଠା ପାଇଁ ଧର୍ମର ମାର୍ଗ ଅପରିହାର୍ଯ୍ୟ, କାରଣ ବେଦ କହେ " ଧର୍ମୋରକ୍ଷତି ରକ୍ଷିତଃ" ।

*ସମ୍ପାଦକ ମାର୍ଗଦର୍ଶୀ*
*ଖୋର୍ଦ୍ଧା -୬୩୭୦୬ ୭୫୫୬୨*

# ଉତ୍କଳ ପ୍ରଦେଶ ଗଠନରେ କୁଳବୃଦ୍ଧ ମଧୁବାବୁ



ଅକ୍ଷୟ କୁମାର ରାଉତ

ଷୋଡଶ ଶତାବ୍ଦୀର ମଧ୍ୟ ଭାଗରେ ଓଡିଶାର ରଜନୈତିକ ସାମ୍ରାଜ୍ୟର ଗୌରବ ରବି ଅସ୍ତମିତ ହେବା ପୂର୍ବରୁ ଓଡିଶାର ସୀମା ଉତରରେ ବଙ୍ଗ, ଦକ୍ଷିଣରେ ତେଲେଙ୍ଗାନା ଓ କର୍ଣ୍ଣାଟକ ପ୍ରଦେଶର କେତେକ ଅଂଚଳକୁ ନେଇ ପରିବ୍ୟାପ୍ତ ଥିଲା । ପର୍ଯ୍ୟାୟକ୍ରମେ ଆଫଗାନ, ମୋଗଲ, ମରାଠାଙ୍କ ଆକ୍ରମଣ ସହିତ ଅନ୍ତଃକନ୍ଦଳର ସୂତ୍ରପାତ ଓ ଭାତୃବିବାଦରେ ଓଡିଶାବାସୀ ସହ୍ୟଶକ୍ତି ହରାଇ ଚରମ ସୋପାନରେ ପହଂଚି ଯାଇଥିଲେ । ଏସବୁ ଥିଲା ପଲାସୀ ଯୁଦ୍ଧରେ ଇଷ୍ଟଇଣ୍ଡିଆ କମ୍ପାନୀ ବଙ୍ଗ ଅଧିକାର କରିବାର ୪୬ ବର୍ଷ ପରର ଘଟଣା । କେବଳ ବଙ୍ଗ କାହିଁକି ସାରା ଭାରତର ଭାଗ୍ୟ ମଧ୍ୟ ସେହିଠାରେ ନିର୍ଦ୍ଧାରିତ ହେଲା । ମରାଠାମାନେ କଟକର ବାରବାଟୀ ଦୁର୍ଗ ଅଧିକାର କରି ସାରା ଓଡିଶାରେ ରାଜୁତି ଚଳାଇବା ପରି ଇଂରେଜମାନେ ମଧ୍ୟ ସେହି ଦୁର୍ଗ ଅଧିକାର କରି ରାଜୁତି କଲେ । ପରେ କଲିକତାର ଫୋର୍ଟ ଉଇଲିୟମ ହେଲା ଓଡିଶା ଶାସନର କେନ୍ଦ୍ରସ୍ଥଳୀ । ଶତାବ୍ଦୀ ପରେ ଶତାବ୍ଦୀ ମୋଗଲ ମରାଠା ମାନଙ୍କ ଶୋଷଣ କଷଣ ଲୁଣ୍ଠନରେ ଅତିଷ୍ଠ ଓଡିଶା ଇଷ୍ଟଇଣ୍ଡିଆ କମ୍ପାନୀଙ୍କୁ ବିରୋଧ ନକରି ନିଜର ତ୍ରାଣକର୍ତା ଭାବେ ସ୍ୱାଗତ କରିଥିଲା । ଓଡିଶା କମ୍ପାନୀ ଶାସନ ଆରମ୍ଭରେ ଖଣ୍ଡବିଖଣ୍ଡିତ ହୋଇ ବଙ୍ଗଳା, ମଧ୍ୟପ୍ରଦେଶ, ମାନ୍ଦ୍ରାଜ ଆଦି ଯେଉଁ ପ୍ରଦେଶ ଗୁଡିକୁ ବ୍ରିଟିଶ୍ ମାନେ ଆଦରି ନେଇଥିଲେ ସେମାନଙ୍କ ସହ ସାମିଲ୍ ହୋଇ ଯାଇଥିଲା । ଫଳରେ ପରସ୍ପର ଠାରୁ ବିଚ୍ଛିନ୍ନ ତିନୋଟି ଅଲଗା ଅଲଗା ଶସନାଧିନରେ ସଂଖ୍ୟାଲଘୁ ଭାଷା ଭାଷୀ ଓ ଇତର ସଂସ୍କୃତି ଲୋକଙ୍କ ପରି ଓଡିଆଙ୍କୁ ରହିବାକୁ ପଡିଥିଲା । ଓଡିଶାକୁ କମ୍ପାନୀ ଶାସନର ୧୪ ବର୍ଷ ମଧ୍ୟରେ ଦୁଇ ତୃତୀୟାଂସ ଜମିଦାରୀ ଓଡିଶା ବାହାର ଲୋକଙ୍କ ହାତକୁ ଚାଲିଗଲା । ଓଡିଶା ଗୌରବର ମେରୁଦଣ୍ଡ ଭାଙ୍ଗିଗଲା ।। ପାଇକ ମାନଙ୍କ ପ୍ରଭୁତ୍ୱ ଓ ପ୍ରତିପତି ହ୍ରାସ ପାଇଲା । ଦୀର୍ଘଦିନ ଧରି ଏଭଳି ଅସହ୍ୟ ପରିବେଶକୁ ବରଦାସ୍ତ କରିନପାରି ପାଇକମାନେ କମ୍ପାନୀ ଶାସନ ବିରୁଦ୍ଧରେ ବିଦ୍ରୋହ ଘୋଷଣା କରିବା ସହିତ ପୁରୀ ସହରକୁ ଦଖଲ କରିନେଲେ । ବ୍ରିଟିଶ୍ ଶାସନ ବିରୁଦ୍ଧରେ ପ୍ରଥମ ପ୍ରତିବାଦର ସଂଗ୍ରାମ ଥିଲା ଏହି ପାଇକ ବିଦ୍ରୋହ । କମ୍ପାନୀ ଶାସନର ସାମରିକ ଶକ୍ତି ବଳରେ ଏହି ବିଦ୍ରୋହ ଦବି ଯାଇଥିଲେ ବି ବେଳେ ବେଳେ ବିଦ୍ରୋହ ମୁଣ୍ଡ ଟେକୁଥିଲା । ଭାଷାଗତ ଦୃଷ୍ଟିରୁ ବିଖଣ୍ଡିତ ଆର୍ଥିକ ଦୃଷ୍ଟିରୁ ସଂକଟିତ ଓ ସାଂସ୍କୃତିକ ମ୍ରିୟମାଣ ଓଡିଶା କମ୍ପାନୀ ସରକାରଙ୍କୁ ବିରୋଧ କରିବାରୁ ଅକଥନୀୟ ଅତ୍ୟାଚାର ସହିବା ସହିତ ପରିଣାମରେ ବଙ୍ଗଳା ପ୍ରେସିଡେନ୍ସିର ଉପନିବେଶ ରୂପେ ରହିଥିଲା ।

୧୮୬୬ ମସିହା ନଅଙ୍କ ଦୁର୍ଭିକ୍ଷ ବେଳେ ଓଡିଶାର ଅଭାବ ଅସୁବିଧା ଦେଖିବାକୁ ମିଳିଲା । ଏତେଦିନେ ବ୍ରିଟିଶ ଶାସନର ଚେତା ପଶିଲା । ଦୁର୍ଭିକ୍ଷ ପରେ ଭାରତ ସରକାର ଏ ବିଷୟରେ ସ୍ୱତନ୍ତ୍ର ତଦନ୍ତ କରି ଜାଣିଲେ ଓଡିଶାକୁ ଖଣ୍ଡ ଖଣ୍ଡ କରି ଶାସନ କରିବା ଫଳରେ ଏଭଳି ଦୁର୍ଭିକ୍ଷ ସଂଗଠିତ ହୋଇ୧୦ ଲକ୍ଷ ଲୋକଙ୍କ ପ୍ରାଣ ହାନୀ ଘଟିଲା । ଏହାର ପ୍ରତିକାର ନିମନ୍ତେ ଓଡିଶାକୁ ବଙ୍ଗଳାରୁ ଅଲଗା କରି ସମଗ୍ର ଭାଷାଭାଷୀ ଅଂଚଳକୁ ଏକ ସ୍ୱତନ୍ତ୍ର ପ୍ରଦେଶ ଶାସନାଧିନ କରି ରଖିବାକୁ ୧୮୬୮ ମସିହାରେ ବ୍ରିଟିଶ୍ ସରକାରଙ୍କ ଦୃଷ୍ଟି ଆକର୍ଷଣ କରି ଶାସନର ଦୋଷତ୍ରୁଟି ସଂପର୍କରେ ଚେତାଇଦେବା ସହିତ ସୁପାରିଶ କରିଥିଲେ ତତ୍କାଳୀନ ସେକ୍ରେଟାରୀ ଅଫ୍ ଷ୍ଟେଟ୍ ଫର ଇଣ୍ଡିଆ ସାର୍ ଷ୍ଟ୍ରା ଫୋର୍ଡ ନର୍ଥକୋଟ୍ । ଏହି ସୁପାରିଶର ସୁଯୋଗ ଦାବି ନେଇ ସେତେବେଳେ କୌଣସି ସଂସ୍ଥା କି ରାଜନୈତିକ ବଳ ନଥିବା ଯୋଗୁଁ ଏହା କେବଳ କାଗଜରେ ସେପରି ରହିଯାଇଥିଲା ।

ଓଡିଶା ବାହାରେ ଯେଉଁ ସୁବିଧାବାଦୀ ଓଡିଶା ଶାସନ କଳକୁ କବ୍ଜା କରି ସବୁ ପ୍ରକାର ସୁଖ ସ୍ୱାଚ୍ଛନ୍ଦ୍ୟ ନେଇ ଚାଲିଥିଲେ, ସେମାନେ ସେମାନଙ୍କ ସ୍ୱାର୍ଥହାନୀ ଦେଖି ଉକ୍ତ ସୁପାରିଶକୁ ଭଣ୍ଡୁରକରୁବାକୁ ଚକ୍ରାନ୍ତ କରି ବସିଲେ । ଓଡିଶା ଡିଭିଜନର ସବୁ ସ୍କୁଲ୍‌ରୁ ଓଡିଆ ଭାଷା ଉଠାଇବାକୁ ଚେଷ୍ଟା କଲେ । ଏଥିପାଇଁ ଜନ୍ ବିମ୍‌ସ ସାହେବ ସ୍ପଷ୍ଟ ଭାବରେ ଓଡିଆ ଭାଷା ଅନ୍ୟାନ୍ୟ ଭାରତୀୟ ଭାଷା ଠାରୁ ଅଧିକ ପୁରାତନ ଓ ପ୍ରତିଷ୍ଠିତ ବୋଲିକହିଲେ । ପ୍ରକୃତରେ ବି ଓଡିଆମାନେ ଓଡିଆ ଭାଷାକୁ ନେଇ ଗର୍ବ କରୁଥିଲେ । ଏଭଳି ଅବସ୍ଥାରେ ଓଡିଆ ଭାଷା ରକ୍ଷା ଆନ୍ଦୋଳନକୁ ଚଳାଇବାକୁ ଓଡିଶାର ସମୂହ ଜନତା ଅତୀତର ସମସ୍ତ ଜଡତା ପରିହାର କରି ଏକମନ ଏକପ୍ରାଣରେ ମାତି ଉଠିଲେ । ଦୀର୍ଘଦିନର ଭାଷା ଆନ୍ଦୋଳନ ପରେ ଓଡିଆ ଭାଷାର ବିଜୟ ହେଲା । ଓଡିଆ ଭାଷା ଭାଷୀ ଅଂଚଳକୁ ଏକ ଶାସନାଧିନ କରି ରଖିବା ଲାଗି ପୂର୍ବରୁ ଯେଉଁ ଉଦ୍ୟମ ମୁଣ୍ଡ ଟେକିଥିଲା ତାହା ସମୟକ୍ରମେ ଅଧିକ ସକ୍ରିୟ ହୋଇ ଉଠିଲା । ଏଭଳି ଏକ ପରିବେଶ ପରିସ୍ଥିତିରେ ଏହି ନିଷ୍ପ୍ରାଣ ଓଡିଆ ଜାତିକୁ ଏକ ଦୃଢ ଜାତିର ଶକ୍ତି ଆଉ ଅସରନ୍ତି ଧୈର୍ଯ୍ୟ ଦେବାକୁ ଧାଇଁ ଆସିଲେ କୁଳବୃଦ୍ଧ ମଧୁବାବୁ । ଓଡିଆ ଭାଷାଭାଷୀ ଅଂଚଳକୁ ଏକ ଶାସନାଧିନ କରି

ଓଡିଶାବାସୀଙ୍କ ଲାଗି ସ୍ୱତନ୍ତ୍ର ପ୍ରଦେଶ ଗଠନର ସମ୍ଭାବନାକୁ ବାସ୍ତବତାର ରୂପ ଦେବା ଲାଗି ଅନେକ କିଛି ଉଦ୍ୟମର ଆବଶ୍ୟକକୁ ବିଚାର କରି ସେହି ସମୟରେ ମଧୁବାବୁ ଓଡିଶାରେ ଏକ ଅନୁଷ୍ଠାନ ଉତ୍କଳସଭା ବା ଓଡିଶା ଆସୋସିଏସନ ଗଠନ କରିଥିଲେ । ସେତେବେଳେ ଏହାର କାର୍ଯ୍ୟ ପରିସର ସେତେଟା ପରିବ୍ୟାପ୍ତ ନହୋଇ କେବଳ କଟକ ଜିଲ୍ଲାରେ କାର୍ଯ୍ୟ କରୁଥିଲା । ୧୯୦୩ ମସିହା ଡିସେମ୍ବର ୩୦ ଓ ୩୧ ତାରିଖରେ ଦୁଇଦିନ ଧରି କଟକ ଠାରେ ଉତ୍କଳ ସମ୍ମିଳନୀର ପ୍ରଥମ ଅଧିବେଶନ ବସିଲା । ସେଥିରେ ସାରା ଓଡିଶାର ରାଜା ରାଜୁଡା ଠୁ ଆରମ୍ଭ କରି ସାଧାରଣ ଜନତା ଏପରିକି ଓଡିଶା ବାହାରେ ଥିବା ଓଡିଆ ଲୋକ ମାନେ ବିପୁଳ ସଂଖ୍ୟାରେ ଯୋଗ ଦେଲେ । ସେଠାରେ ଓଡିଆ ଭାଷାଭାଷୀ ବିଚ୍ଛିନ୍ନାଂଚଳ ଗୁଡିକର ଏକତ୍ରିକରଣ ନିମନ୍ତେ ନାନାକଥା ଆଲୋଚନା କରାଯାଇଥିଲା । ୧୯୨୦ ମସିହାରେ ଗାନ୍ଧିଜୀଙ୍କର ଆହ୍ୱାନ କ୍ରମେ ଅସହଯୋଗ ଆନ୍ଦୋଳନକୁ କର୍ମସୂତ୍ର ଭାବେ ଉତ୍କଳ ସମ୍ମିଳନୀ ଗ୍ରହଣ କରି ଭାରତୀୟ ଜାତୀୟ ସ୍ରୋତରେ ତା ର ସ୍ୱତନ୍ତ୍ର ସତା ବଜାୟ ରଖିଲା । ଏହା ମୁଖ୍ୟତଃ ଜାତିବର୍ଣ୍ଣ ଭାଷା ନିର୍ବିଶେଷରେ ସମସ୍ତ ଓଡିଆ ଭାଷାଭାଷୀ ଅଂଚଳକୁ ଏକଶାସନାଧିନ କରିବାର ମହାସଭା ଥିଲା । କେବଳ ସ୍ୱତନ୍ତ୍ର ପ୍ରଦେଶ ନୁହେଁ ଉତ୍କଳ ସମ୍ମିଳନୀ ମଧ୍ୟ ଓଡିଶାରେ ବ୍ୟବସାୟିକ ଶିକ୍ଷାର ପ୍ରସାର ଓ ସର୍ବୋପରି ଓଡିଶାର ସାଂସ୍କୃତିକ ଓ ରାଜନୈତିକ ଜାଗରଣ ଆଣିବାରେ କାର୍ଯ୍ୟ କରୁଥିଲା । ଉତ୍କଳ ସମ୍ମିଳନୀ ତା ର କାର୍ଯ୍ୟକଳାପ ନେଇ ଓଡିଆଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ଆସନ ଅଧିକାର କରି ବସିଲା । ଓଡିଶାର ଓଡିଆ ମାନେ ଆଗ୍ରହ ସହକାରେ ଏହି ସମ୍ମିଳନୀରେ ଯୋଗ ଦେଉଥିଲେ । ଏହି କାର୍ଯ୍ୟ ନିମନ୍ତେ ମଧୁବାବୁ ବ୍ୟକ୍ତିଗତ ଭାବେ ମଧ୍ୟ ରଣ କରୁଥିଲେ । ସେଥିପାଇଁ ତାଙ୍କୁ ଶେଷଜୀବନରେ ଦେବାଳିଆ ହେବାକୁ ମଧ୍ୟ ପଡିଥିଲା ।

ଉତ୍କଳ ସମ୍ମିଳନୀ ଦ୍ୱାରା କେବଳ ମଧୁବାବୁ ସ୍ୱତନ୍ତ୍ର ପ୍ରଦେଶ ଗଠନ ଚାହିଁ ନଥିଲେ । ପ୍ରଦେଶଟିକୁ ମଧ୍ୟ ସମସ୍ତ ପ୍ରକାର ଅନ୍ୟାୟ ଲୁଣ୍ଠନରୁ ମୁକ୍ତ କରାଇ ତାହାର ଅଧିବାସୀଙ୍କୁ ସ୍ୱାଧିନ ଜୀବନଯାପନ କରିବାକୁ ଉଦ୍ୟମ କରିଥିଲେ । ମଧୁବାବୁଙ୍କ ଏସବୁ ଲକ୍ଷ ସଫଳ ହୋଇଥିଲା କି ନାହିଁ ତାହା ସମୟ କହିବ, ହେଲେ ସେ ଯେଉଁ ମହତ ଲକ୍ଷ୍ୟ ନେଇ କାର୍ଯ୍ୟ କରିଥିଲେ ସେଥିରେ ତାଙ୍କର ମହନୀୟତା ଉଚ୍ଚକାଂକ୍ଷା ଦେଖିବାକୁ ମିଳେ । ଯାହାଟା ଅନ୍ୟ କୌଣସି ଓଡିଆଙ୍କ ଠାରେ ଦେଖିବାକୁ ମିଳୁନଥିଲା । ନିଜର ନିସ୍ୱାର୍ଥପର କାର୍ଯ୍ୟାବଳୀ ନିମନ୍ତେ ମଧୁବାବୁ ସବୁ ଶ୍ରେଣୀର ଓଡିଆଙ୍କ ଶ୍ରଦ୍ଧା ସମ୍ମାନର ଆସନରେ ଅଧିଷ୍ଠିତ ହୋଇପାରିଥିଲେ । ବ୍ୟକ୍ତିଗତ ଓ ସାମୁହିକ ସମାଜର ପରିସରରେ ବହୁ ଦାରୁଣ ବିପର୍ଯ୍ୟୟ ଓ ଦୁଖଃ ଦୁର୍ଦ୍ଦଶାକୁ ସେ ସାହସ ଓ ଆନନ୍ଦର ସହ ମୁକାବିଲା କରିବାରେ ଯେଉଁ ସାମର୍ଥ ପ୍ରଦର୍ଶନ କରିଥିଲେ ତାହା ଭଷାରେ ବର୍ଣ୍ଣନା କରାଯାଇ ନପାରେ । ଜୀବନର ଅନ୍ତିମ ମୁହୂର୍ତ୍ତ ନିକଟତର ହେବା ଜାଣି ଓଡିଶା ବିଷୟ ବୁଝିବାକୁ ଓ ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ଦାୟିତ୍ୱ ବହନ କରିବାକୁ ସ୍ୱତନ୍ତ୍ର ଉତରାଧିକାରୀ ଭାବେ ଉତ୍କଳମଣୀ ପଣ୍ଡିତ ଗୋପବନ୍ଧୁ ଦାସଙ୍କୁ ମଧୁବାବୁ ମନେ ମନେ ସ୍ଥିର କରିନେଇଥିଲେ । କିନ୍ତୁ ଓଡିଶାର ଦୁର୍ଭାଗ୍ୟକୁ ୧୯୨୮ ମସିହା ଜୁନ୍ ୧୭ ତାରିଖରେ ଗୋପବନ୍ଧୁଙ୍କ ମୃତ୍ୟୁ ଘଟି ସାରିଥିଲା । ତେଣୁ ମଧୁବାବୁ ଓଡିଶାର ପଣ୍ଡିତ ନୀଳକଣ୍ଠ ଦାସଙ୍କ ଉପରେ ଏହି ଦାୟିତ୍ୱ ନ୍ୟସ୍ତ କରିଥିଲେ । ମଧୁବାବୁ ନିଜେ ଯେଉଁ ସତ୍ୟବାଦୀ ଗୋଷ୍ଠୀ ଗଠନ କରିଥିଲେ ପଣ୍ଡିତ ନୀଳକଣ୍ଠ ଦାସ ସେହି ଗୋଷ୍ଠୀର ମୁଖ୍ୟ ଥିଲେ । ପଣ୍ଡିତ ନୀଳକଣ୍ଠ ମଧୁବାବୁଙ୍କ ସଂକଟାପନ୍ନ ଅବସ୍ଥା ବିଷୟ ଶୁଣି ଶେଷଦର୍ଶନ ପାଇଁ କଟକ ଫେରି ଆସିଥିଲେ । ପଣ୍ଡିତ ନୀଳକଣ୍ଠଙ୍କୁ ସବୁ ଅଂଚଳ ଓଡିଶାରେ ମିଶିବାକୁ କହିବା ପରେ ତାଙ୍କର ଚୈତନ୍ୟ ସତା ଲୋପ ପାଇଯାଇଥିଲା । ୧୯୩୪ ମସିହା ଫେବୃୟାରୀ ୪ ତାରିଖ ରାତିରେ ତାଙ୍କର ଅମର ଆତ୍ମା ଦିବ୍ୟଧାମକୁ ବାହୁଡି ଗଲା । ସୁଦୀର୍ଘ ୮୫ ବର୍ଷ ବୟସରେ ଘଟଣାବହୁଳ କୁଳବୃଦ୍ଧ ମଧୁବାବୁଙ୍କ ଜୀବନର ପରିସମାପ୍ତି ଘଟିଲା । ଓଡିଶାକୁ ଗୋଟିଏ ସ୍ୱତନ୍ତ୍ର ପ୍ରଦେଶ କରିବାକୁ ମଧୁବାବୁ ଜୀବନସାରା ଲାଗି ପଡିଥିଲେ ବି ସ୍ୱତନ୍ତ୍ର ଓଡିଶା ପ୍ରଦେଶ ଗଠନ ୧୯୩୬ ଏପ୍ରଲ ୧ ତାରିଖକୁ ନିଜ ଆଖିରେ ଦେଖି ପାରିନଥିଲେ । ଓଡିଶା ସ୍ୱତନ୍ତ୍ର ପ୍ରଦେଶ ମାନ୍ୟତା ପାଇବାର ଦୀର୍ଘ ବର୍ଷ ବିତି ଯାଇଥିଲେ ବି, ଏବେବି ଓଡିଆ ଓ ଓଡିଶାର ବିକାଶ ଚିନ୍ତା କରୁଥିବା ଚିନ୍ତାନାୟକ ମାନେ ଓଡିଶାରୁ ବିଚ୍ଛିନ୍ନାଂଚଳ, ଓଡିଶାରେ ମିଶ୍ରଣ କରାଇ ପାରିନାହାନ୍ତି । ଓଡିଶା ପ୍ରଦେଶରୁ ବାଦ୍‌ପଡିଥିବା ସମସ୍ତ ବିଚ୍ଛିନ୍ନାଂଚଳକୁ ଓଡିଶାରେ ମିଶ୍ରଣ କରାଇବାକୁ ସମସ୍ତ ଓଡିଆ ପ୍ରଯତ୍ନ କରିପାରିଲେ ମଧୁବାବୁ ଜୀବନର ଯଥାର୍ଥ ଆଲୋକପାତ କରାଯିବା ସହିତ ସ୍ୱତନ୍ତ୍ର ପ୍ରଦେଶ ପାଳନର ଲକ୍ଷ ସାକାର ହୋଇପାରିବ ବୋଲି ଯଥାର୍ଥରେ କୁହାଯାଇପାରେ ।

*ପାରାଦ୍ୱୀପଗଡ, କୁଜଙ୍ଗ*
*ଜଗତ୍‌ସିଂହପୁର*
*ମୋ.ନଂ- ୯୯୩୭୬୯୧୪୭୫*

# କିମ୍ସରେ ଖୁବ ଶୀଘ୍ର ବର୍ଣ୍ଣ ୟୁନିଟ୍ : ମାଗଣାରେ ହେବ ଗ୍ରହଣ ଖଣ୍ଡିଆ ଅସ୍ତ୍ରୋପଚାର




ଭୁବନେଶ୍ୱର,(ପି.ଏନ): କଳିଙ୍ଗ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସେସ (କିମ୍ସ) ହସ୍ପିଟାଲରେ ଖୁବ ଶୀଘ୍ର ବର୍ଣ୍ଣ ୟୁନିଟ୍ କାର୍ଯ୍ୟକାରୀ କରାଯିବା ସହ ଗ୍ରହଣ ଖଣ୍ଡିଆର ମାଗଣା ଅସ୍ତ୍ରୋପଚାର କରାଯିବ। ଆଜି ବିଶ୍ୱ ପ୍ଲାଷ୍ଟିକ୍ ସର୍ଜରୀ ଦିବସ ପାଳନ ଅବସରରେ କିମ୍ସ ପକ୍ଷରୁ ଏହି ସୂଚନା ପ୍ରଦାନ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କିମ୍ସ ମେଡିକାଲ୍ କଲେଜ ଅଧ୍ୟକ୍ଷ ଡା. ଅମ୍ବିକା ପ୍ରସାଦ ମହାନ୍ତି, ଉପାଧ୍ୟକ୍ଷ ଡା. ଶୁଭ୍ରାଂଶୁ ପାତ୍ର, କିମ୍ସ ସୁପର ସ୍ପେଶିଆଲିଟି ହସ୍ପିଟାଲ୍ ଏବଂ କିମ୍ସ କ୍ୟାନସର ସେଣ୍ଟରର ନିର୍ଦ୍ଦେଶକ ଡା. ଶକ୍ତିମୟ ମହାପାତ୍ର, କିମ୍ସ ପ୍ରଦ୍ୟୁମ୍ନ ବଳ ମେମୋରିଆଲ୍ ହସ୍ପିଟାଲ୍ ଅଧୀକ୍ଷକ ଡା. ଆର.ସି.ଦାସ, ଉପ ଅଧୀକ୍ଷକ ଡା. ଅଶ୍ୱିନୀ ଶର୍ମା, ଡାକ୍ତର ହରିବନ୍ଧୁ ମହାନ୍ତି, ପ୍ଲାଷ୍ଟିକ୍ ସର୍ଜରୀ ବିଭାଗ ମୁଖ୍ୟ ଡା. ସୁନୀଲ କୁମାର ରାଉତ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମୟରେ ପ୍ଲାଷ୍ଟିକ ସର୍ଜରୀ ଓ ଏହାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ସାଧାରଣ ଲୋକଙ୍କ ମନରେ ପ୍ଲାଷ୍ଟିକ୍ ସର୍ଜରୀ ବିଷୟରେ ଅଧିକ ସୂଚନା ନ ଥିବା ବେଳେ ଏହାକୁ ନେଇ ଲୋକଙ୍କ ମନରେ ଅନେକ ଦ୍ୱନ୍ଦ୍ୱ ରହିଛି ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ। ପ୍ଲାଷ୍ଟିକ୍ ସର୍ଜରୀ ବିଷୟରେ ସଠିକ୍ ତଥା ଆବଶ୍ୟକ ସୂଚନା ଲୋକଙ୍କ ନିକଟରେ ପହଞ୍ଚାଇବା ବିଶ୍ୱ ପ୍ଲାଷ୍ଟିକ ସର୍ଜରୀ ଦିବସ ପାଳନର ମୁଖ୍ୟ ଲକ୍ଷ୍ୟ। ରୋଗ, ଆଘାତ କିମ୍ବା ଅସ୍ତ୍ରୋପଚାର ଜନିତ କିମ୍ବା ଜନ୍ମରୁ ଅଙ୍ଗଗୁଡ଼ିକର ଗଠନରେ ସମସ୍ୟା କିମ୍ବା ଭିନ୍ନତା ଥିଲେ ପ୍ଲାଷ୍ଟିକ୍ ସର୍ଜରୀ ଦ୍ୱାରା ସେଗୁଡ଼ିକୁ ସୁଧାରିବାକୁ ଚେଷ୍ଟା କରାଯାଇଥାଏ ବୋଲି ବିଶେଷଜ୍ଞମାନେ କହିଥିଲେ। ଏଥି ସହ ବର୍ତ୍ତମାନ ଯୁଗରେ ମୁଖମଣ୍ଡଳ ତଥା ଶରୀରର ଅନେକ ଅଂଶକୁ ପୂର୍ବ ରୂପ ଫେରାଇ ଆଣିବା ପାଇଁ ପ୍ଲାଷ୍ଟିକ୍ ସର୍ଜରୀ ଉପାୟ ଅବଲମ୍ବନ କରାଯାଉଛି। ପ୍ଲାଷ୍ଟିକ୍ ସର୍ଜରୀ ଦୁଇ ପ୍ରକାରର- ଗୋଟିଏ ହେଉଛି ପୁନଃ ନିର୍ମାଣକାରୀ ସର୍ଜରୀ ଏବଂ ଅନ୍ୟଟି କସମେଟିକ୍ ସର୍ଜରୀ। ଜନ୍ମରୁ ସୃଷ୍ଟି ହୋଇଥିବା ଅସମାନତାକୁ ଠିକ କରିବା ପାଇଁ ଅସ୍ତ୍ରୋପଚାର, ଯୋଡି ହୋଇ ରହିଥିବା ଆଙ୍ଗୁଳିକୁ ଆଲଗା କରିବା, ଜନ୍ମରୁ ଥିବା ଚିହ୍ନକୁ ହଟାଇବା, ଗୁରୁତର ଭାବେ ଜଳିଯାଇଥିବା ଅଙ୍ଗ ବା ଶରୀରର ଅଂଶ, ଦୁର୍ଘଟଣା କିମ୍ବା ଆଘାତ ଦ୍ୱାରା ସୃଷ୍ଟି ହୋଇଥିବା ଦାଗର ଅସ୍ତ୍ରୋପଚାରକୁ ପୁନଃ ନିର୍ମାଣକାରୀ ସର୍ଜରୀ କୁହାଯାଏ। ସେହିପରି ମୁଖମଣ୍ଡଳ ସୌନ୍ଦର୍ଯ୍ୟରେ ଉନ୍ନତି ପାଇଁ କସମେଟିକ୍ ସର୍ଜରୀ କରାଯାଇଥାଏ ବୋଲି ବକ୍ତାମାନେ ମତ ପ୍ରକାଶ କରିଥିଲେ।

# ପ୍ରବାଦ ପୁରୁଷ ବିଶିଷ୍ଟ ସଂଗୀତଜ୍ଞ ଗୋପାଳ ପଣ୍ଡା ରତ୍ନାଲୋକ ସମ୍ମାନରେ ସମ୍ମାନିତ

କୋଲକତା,(ପି.ଏନ): ଗୁରୁ ଗୋପାଳ ପଣ୍ଡା ଏକ ପରିଚିତ ନାମ ବହୁ ସମ୍ମାନ ପୁରସ୍କାର ଉପାଧିରେ ମଣ୍ଡିତ ବର୍ତ୍ତମାନ ଆହୁରି ଥରେ ରତ୍ନାଲୋକ ସମ୍ମାନ ରେ ସମ୍ମାନିତ ହେବେ। ସୁଦୂର ଆମେରିକାର Houston ସଂସ୍ଥା କଳାଙ୍ଗନ ଏହି ସମ୍ମାନ ଜ୍ଞାପନ କରିବ ସୋମବାର ୧୭th july ଦିନ ICCR, କଲିକତା ସ୍ଥିତ ସତ୍ୟଜିତ ରାଏ ପ୍ରେକ୍ଷ୍ୟାଳୟ ରେ ସିଞ୍ଜନ ନୃତ୍ୟାଳୟ ଆନୁକୂଲ୍ୟରେ ଏହା ସମ୍ପନ୍ନ ହେବ ଏଥି ପାଇଁ ତାଙ୍କୁ ଏକ ମାନପତ୍ର, ପଚାଶ ହଜାର ଟଙ୍କା, ଉତ୍ତରୀୟ, ଅଙ୍ଗ ବସ୍ତ୍ର ଇତ୍ୟାଦି ପ୍ରଦାନ କରାହେବ। କଳାଙ୍ଗନ ର ନିର୍ଦ୍ଦେଶିକା ସୁପ୍ରଦୀପ୍ତା ଦତ୍ତ ଜଣେ ସୁଦକ୍ଷ ଓଡିଶୀ ନୃତ୍ୟଶିଳ୍ପୀ ଏବଂ ସିଞ୍ଜନ ନୃତ୍ୟାଳୟ ର ଏକ ସଦସ୍ୟା। ଏହି ଅବସରରେ ସିଞ୍ଜନ ନୃତ୍ୟଳୟ ର କୃତି ଛାତ୍ର ଛାତ୍ରୀ ଙ୍କୁ ସମ୍ବର୍ଦ୍ଧନା ଦିଆ ହେବ। କେନ୍ଦ୍ର ସଂସ୍କୃତି ମନ୍ତ୍ରାଳୟର CCRT ଦ୍ୱାରା Senior fellowship ପ୍ରାପ୍ତା ବୈଶାଳୀ ଭୂଇଁୟା ଶ୍ରୀପର୍ଣ୍ଣା ଘୋଷ ଜୁନିଅର ଫେଲୋସିପ ପାଇଥିବା ପୌଲାମୀ ଚକ୍ରବର୍ତ୍ତି ତଥା ସିନିଅର scholarship ପାଇଥିବା ଉର୍ଜ୍ଜଶୀ ବାସାକ ଙ୍କୁ ଅଭିନନ୍ଦନ ଜଣା ହେବ। ଗୁରୁ ଆଲୋକ କାନୁନଗୋ ଟାଗୋର ଶ୍ୱମଷକ୍ଷକ୍ଷବକ୍ଷଶ୍ୱଷସକ୍ତ ପାଇଥିବାରୁ ତାଙ୍କୁ ମଧ ଅଭିନନ୍ଦନ ଜଣାହେବ ଗୁରୁ ଶିଷ୍ୟ ପରମ୍ପରା ରେ ଆଧାରିତ ଶ୍ରଦ୍ଧାଞ୍ଜଳି ଅନୁଷ୍ଠାନ ରେ ଏହି କାର୍ଯ୍ୟକ୍ରମ ସମ୍ପାଦିତ ହେବ। ସର୍ବ ପ୍ରଥମେ ତିନି ବିଶିଷ୍ଟ ଗୁରୁ ପଦ୍ମ ବିଭୂଷଣ କେଳୁଚରଣ ମହାପାତ୍ର, ଗୁରୁ ରଘୁନାଥ ଦତ୍ତ ଏବଂ ମହାମୋହପାଧ୍ୟାୟ ପଦ୍ମଶ୍ରୀ ସତ୍ୟନାରାୟଣ ଙ୍କ ଚରଣ କମଳ ରେ ପୁଷ୍ପ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାହେବ। EZCC ନିର୍ଦ୍ଦେଶକ ଡକ୍ଟର ଆଶିଷ ଗିରି ପ୍ରଧାନ ଅତିଥି ଭାବେ ଯୋଗ ଦେବେ। ସିଞ୍ଜନ ନୃତ୍ୟଳୟ, କଲିକତା ଗୁରୁ ଶିଷ୍ୟ ପରମ୍ପରା କାର୍ଯ୍ୟକ୍ରମ ପ୍ରଶଂସନୀୟ।

# ପାରାଦୀପ ଆଦର୍ଶ ଥାନା ଅଧିକାରୀ ଭାବେ ଯୋଗଦେଲେ ସୁଚିତ୍ର ବୀର୍ଯ୍ୟ ଦାସ



ପାରାଦୀପ,(ପି.ଏନ): ପାରାଦୀପ ଆଦର୍ଶ ଥାନାରେ ନୂତନ ଭାରପ୍ରାପ୍ତ ଅଧିକାରୀ ଭାବେ ଯୋଗ ଦେଇଛନ୍ତି ସୁଚିତ୍ର ବୀର୍ଯ୍ୟ ଦାସ । ଶ୍ରୀ ଦାସ ଜଣେ ଦକ୍ଷ ପୋଲିସ ଅଧିକାରୀ ଭାବେ ଜିଲ୍ଲାରେ ବେସ ଜଣାଶୁଣା । ଏଥିପୂର୍ବରୁ କାର୍ଯ୍ୟ କରୁଥିବା ଥାନା ଅଧିକାରୀ ସବ୍ୟସାଚୀ ରାଉତ ଙ୍କ ବିରିଡି କୁ ବଦଳି ପରେ ଶନିବାର ଦିନ ନୂତନ ଥାନାଧିକାରୀ ଶ୍ରୀ ଦାସ ଯୋଗ ଦେଇଛନ୍ତି କ୍ଷ ସୂଚନାଥାଉକି ଜିଲ୍ଲା ସମେତ ଶିଳ୍ପ ଓ ବନ୍ଦର ସହର ପାରାଦୀପ ରେ ଆଇନ ଶୃଙ୍ଖଳା ପରିସ୍ଥିତି କୁ ସୁନିୟନ୍ତ୍ରିତ କରିବା ଉଦ୍ଦେଶ୍ୟରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ରାହୁଲ ପିଆର ବିଭିନ୍ନ ସ୍ପର୍ଶକାତର ଥାନା ମାନଙ୍କରେ ଦକ୍ଷ ପୋଲିସ ଅଧିକାରୀ ମାନଙ୍କୁ ଅବସ୍ଥାପିତ କରିଥିବା ଜଣା ପଡିଛି ।

# ୨୦୨୪ ନିର୍ବାଚନ ଚର୍ଚ୍ଚାରେ ଖଡିଆଳ ନିର୍ବାଚନ ମଣ୍ଡଳୀ

ନୂଆପଡା,(ପି.ଏନ): ୨୦୨୪ ନିର୍ବାଚନ ରାଜରାସ୍ତା କେଉଁ ପ୍ରାର୍ଥୀଙ୍କ ଯାତ୍ରା ସୁଗମ କରି ଲକ୍ଷ ପଥରେ ପହଞ୍ଚିବ ତାର ଚର୍ଚ୍ଚା ଏବେଠୁ ଆରମ୍ଭ ହେଇ ଯାଇଛି। ଖଡିଆଳ,ସିନାପାଲି ଓ ବୋଡେନ୍ ବ୍ଲକ୍ କୁ ନେଇ ଗଠିତ ଖଡିଆଳ ନିର୍ବାଚନ ମଣ୍ଡଳୀରେ ପ୍ରାୟ ୨ଲକ୍ଷ ୨୦ହଜାର୍ ରୁ ଅଧିକ ମତଦାତା ରହିଛନ୍ତି ଆଉ ଏବେ ଏଠାରେ କଂଗ୍ରେସ୍ ର ଅଧିରାଜ୍ ପାଣିଗ୍ରାହୀ ବିଧାୟକ ଅଛନ୍ତି।ପୁରା ସଙ୍ଗଠନକୁ ନିଜେ ପରିଚାଳନା କରୁଥିବା ଅଧିରାଜ୍ ପାଣିଗ୍ରାହୀ ନିଜ ଅଞ୍ଚଳ ବିକାଶ ପାଇଁ ନିଜ ପାରୁ ପର୍ଯ୍ୟନ୍ତ ଚେଷ୍ଟା ଚଳେଇଛନ୍ତି।ବିଭିନ୍ନ ସମୟରେ ଅଧିରାଜ୍ କଂଗ୍ରେସ୍ ଛାଡିବାର ଚର୍ଚ୍ଚା ହେଉଥିଲେ ମଧ୍ୟ ନିକଟ ଭବିଷ୍ୟତର ଏପରି କିଛି ହେବାର ସଙ୍କ ?ତ ମଧ୍ୟ ମିଳୁନାହିଁ।ଯଦି ଏପରି କିଛି ନ ହୁଏ ତେବେ ସେ ହିଁ କଂଗ୍ରେସ୍ ପ୍ରାର୍ଥୀ ହେବେ। ଏପଟେ ଉତ୍ତମ ସଙ୍ଗଠନ ଥିବାସତ୍ତ୍ୱେ ବିଜୁ ଜନତା ଦଳ ଏଠି ୨୦୦୯ ସାଧାରଣ ନିର୍ବାଚନରୁ ପ୍ରାର୍ଥୀ ଜିତେଇବାରେ ଅସଫଳ ହେଉଛି।୨୦୧୯ ରେ ଖୁବ୍ କମ୍ ଭୋଟ୍ ବ୍ୟବଧାନରେ ହାରିଥିବା ବିଜେଡି କିନ୍ତୁ ୨୦୨୪ରେ ଏହି ଆସନକୁ ହାତେଇବା ପାଇଁ ଚେଷ୍ଟା ଚଳେଇଛି। ଆବଶ୍ୟକ ସ୍ଥଳରେ ଏହି ଆସନରୁ ଦୁଇଥର ଲଢିଥିବା ଲମ୍ବୋଦର ନିଆଲଙ୍କୁ ପରିବର୍ତ୍ତନ ମଧ୍ୟ କରିପାରେ ବିଜେଡି।ସେହିପରି ଗତଥରର ବିଜେପି ପ୍ରାର୍ଥୀନି ରିତାରାଣୀ ବଗର୍ତ୍ତୀ ମଧ୍ୟ ଭଲ ପ୍ରଦର୍ଶନ କରିଥିଲେ।ଖଡିଆଳ ନିର୍ବାଚନ ମଣ୍ଡଳୀରେ ଯାଦବ ଭୋଟ୍, ଭୋଟ୍ ଫଳାଫଳକୁ ପ୍ରଭାବ ପକଉଥିବା ବେଳେ ଗତଥର ବିଜେଡି ଓ ବିଜେପି ପ୍ରାର୍ଥୀ ଯାଦବ ହେଇଥିବାରୁ କଂଗ୍ରେସ୍ ହାତକୁ ଏହି ଆସନ ଚାଲିଯାଇଥିଲା। ସମୟ ବଦଳିଛି, ସମିକରଣ ବଦଳୁଛି,ଜାତୀ ବର୍ଣ୍ଣ ଧର୍ମ ନିର୍ବିଶେଷରେ ବିଜୁ ଜନତା ଦଳ ଓଡିଶାବାସୀଙ୍କ ପ୍ରଥମ ପସନ୍ଦ ହେଇ ପାରିଛି ତେବେ ୨୦୨୪ ଏଠି କିଏ ସଫଳ ହେଉଛି ତାହା ଦେଖିବାକୁ ବାକି ରହିଲା।

# ଛାତ୍ରଛାତ୍ରୀଙ୍କ ସ୍ମରଣଶକ୍ତି ଅପେକ୍ଷା ପାଠ୍ୟକ୍ରମରେ ଆଲୋଚନାତ୍ମକ ବା ଗମ୍ଭୀର ଚିନ୍ତନ ଜରୁରୀ

ଭୁବନେଶ୍ୱର,(ପି.ଏନ): 'ସୁଧାଂଶୁ ମିଶ୍ର ସ୍ମାରକୀ ବକ୍ତୃତା' ଓ 'ମମତା' ଅନୁଷ୍ଠାନର ପ୍ରତିଷ୍ଠା ଦିବସ ଆଜି ସିଇଏସ୍ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ସିଓ୍ୱାଇଏସ୍ ?ଡିର ପ୍ରତିଷ୍ଠାତା ଜଗଦାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିପିୟୁଟିର ପୂର୍ବତନ କୁଳପତି ପ୍ରଫେସର ଓମ୍ ?କାର ନାଥ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ଶ୍ରୀ ମହାନ୍ତି କହିଥିଲେ, ପୂର୍ବତନ ମୁଖ୍ୟ ଶାସନ ସଚିବ ସୁଧାଂଶୁ ମିଶ୍ର ଜଣେ ଦୂରଦୃଷ୍ଟି ସମ୍ପନ୍ନ ବ୍ୟକ୍ତିତ୍ୱ ଥିଲେ । ଓଡ଼ିଶାକୁ ଶିଳ୍ପ ବା ପୁଞ୍ଜିନିବେଶ ଆଣିବାରେ ତାଙ୍କର ଅନନ୍ୟ ଭୂମିକା ରହିଥିଲା। ଏଥିସହ ସେ ବର୍ତ୍ତମାନର ନୂତନ ଶିକ୍ଷାନୀତି ଉପରେ ଗୁରୁତ୍ୱାରୋପ କରି କହିଲେ, ଏବେ ଛାତ୍ରଛାତ୍ରୀମାନଙ୍କ କେବଳ ସ୍ମରଣ ଶକ୍ତି ଆଉ କାମ ଦେବନି ଏବେ ପ୍ରତିଟି ପାଠ୍ୟକ୍ରମରେ ଆଲୋଚନାତ୍ମକ ବା ଗମ୍ଭୀର ଚିନ୍ତନ ଜରୁରୀ। ଏକ ବିକଶିତ ଦେଶ ପାଇଁ ଶିଳ୍ପର ବିକାଶ ଜରୁରୀ ହୋଇଥିବା ବେଳେ ଆମ ଛାତ୍ରଛାତ୍ରୀମାନେ ସେ ଦିଗରେ ଅଧିକ ପ୍ରଶିକ୍ଷିତ କରିବା ଜରୁରୀ। ଏଥିସହ ସ୍କିଲ୍ ହେଉ ବା ଅନ୍ୟ ଯେକୌଣସି ଉତ୍ପାଦ ପ୍ରସ୍ତୁତି ସମୟରେ ଯେଉଁଭଳି ପରିବେଶ ଉପରେ ଏହାର କୁପ୍ରଭାବ ନ ପଡ଼ିବ ସେ ନେଇ ସତର୍କ ହେବାକୁ ଓ ଜ୍ଞାନକୌଶଳ ବିକଶିତ କରିବାକୁ ସେ ପରାମର୍ଶ ଦେଇଥିଲେ କ୍ଷ କାଲିଫର୍ଣ୍ଣିଆ ସାଣ୍ଟା କ୍ରୁଜ୍ ବିଶ୍ୱବିଦ୍ୟାଳୟର ପ୍ରଫେସର ତ୍ରିଲୋକନାଥ ପାଣ୍ଡେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସ୍ମାରକୀ ବକ୍ତୃତାର ଶୀର୍ଷକ 'ବିଶ୍ୱକରଣ ଓ ଏହାର ପରିଣତି' ଉପରେ ସାରଗର୍ଭକ ଆଲୋଚନା କରିଥିଲେ । ଏହି ଅବସରରେ ସେ କହିଥିଲେ, ବିଶ୍ୱକରଣ ଦ୍ୱାରା ଆମେ ବିଶ୍ୱର ଯେକୌଣସି ସ୍ଥାନରେ ଯେକୌଣସି ସମୟରେ ପହଞ୍ଚି ପାରିବା ସହ ଆମ ଚତୁଃପାର୍ଶ୍ୱ ପରିବର୍ଦ୍ଧିତ ହୋଇପାରିଛି। ଏବେ ଆମେ ଯେକୌଣସି ସ୍ଥାନରେ ବେପାର, ବଣିଜ କରିବା ସହ ନିଜକୁ ସମୃଦ୍ଧି କରିପାରୁଛେ। ପୁଞ୍ଜିନିବେଶ ବଢ଼ିଛି। ନୂଆ ବଜାର ଓ ଗ୍ରାହକ ମିଳିପାରୁଛନ୍ତି। ନୂଆ ନୂଆ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ସହ ଜ୍ଞାନ ମଧ୍ୟ ବ୍ୟାପକ ହେବା ସହ ଦେଶର ଆର୍ଥିକ ଓ ସାମାଜିକ ବିକାଶ ହେଉଛି। ବିଶ୍ୱାୟନର ଏତେ ସବୁ ସକାରାତ୍ମକ ଦିଗ ରହିଥିଲେ ମଧ୍ୟ ଏହାର ବହୁ ନକରାତ୍ମକ ଦିଗ ମଧ୍ୟ ରହିଛି। ଯାହାକି କରୋନା ସମୟରେ ଗାଁ ଗାଁର ଲୋକ ମଧ୍ୟ ଅନୁଭବ କରିଛନ୍ତି । ବିଶ୍ୱାୟନ ଯୋଗୁଁ ଆମେ ଯେତେ ଅଧିକ ବିକାଶ କରିଛେ, ସେତିକି ଦ୍ରୁତ ଗତିରେ କରୋନା ବ୍ୟାପିଚାଲିଲା । ବିମାନ ଯାତ୍ରାରେ ବିରାମ ଲାଗିଲା, ଲକଡାଉନ୍। ଓ ଯାତାୟତରେ ପ୍ରତିବନ୍ଧକ ଶେଷରେ ଦେଶ ତଥା ବିଶ୍ୱର ଆର୍ଥିକ ସ୍ଥିତିକୁ ଦୋହଲାଇ ଦେଲା। ଏହି ବିଶ୍ୱାୟନ ଯୋଗୁଁ ହିଁ କରୋନା ଭଳି ମହାମାରୀ ଦ୍ରୁତ ଗତିରେ ଦେଶକୁ ଦେଶ ମାଡ଼ିଚାଲିଥିଲା ବୋଲି ଶ୍ରୀ ପାଣ୍ଡେ କହିଥିଲେ ଫଳରେ ବିଶ୍ୱାୟନ ଯୋଗୁଁ ବିଶ୍ୱର ଆର୍ଥିକ ସ୍ଥିତି ସେତିକି ବଢ଼ିଥିଲା ଯେତିକି ଖସିଲା ମଧ୍ୟ। କାର୍ଯ୍ୟକ୍ରମ ଆରମ୍ଭରେ 'ମମତା'ର ଅଧ୍ୟକ୍ଷ ବିଜୟ ମିଶ୍ର ଅତିଥି ପରିଚୟ ପ୍ରଦାନ କରିଥିଲେ । ମମତାର ପ୍ରକଳ୍ପ ନିର୍ଦ୍ଦେଶିକା କଳ୍ପନା ଦାସ ଅନୁଷ୍ଠାନର ବାର୍ଷିକ ବିବରଣୀ ପାଠ କରିଥିଲେ।

# ଖାସମାହାଲ ଜମି ଷ୍ଟାଟସ ପରିବର୍ତ୍ତନ ପ୍ରସଙ୍ଗ




କଟକ,(ପି.ଏନ): କଟକ ସହରର ବହୁ ସ୍ଥାନୀୟ ବାସିନ୍ଦାଙ୍କର ନିଜର ବାସସ୍ଥାନ ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତକୁ ନେଇ ଯେଉଁ ସମସ୍ୟା ଉପୁଜିଛି ତାହାକୁ ସମାଧାନ କରିବାପାଇଁ ପ୍ରଶାସନ ଜାଣିଶୁଣି ଅବହେଳା କରୁଛନ୍ତି ଏବଂ ନିରୀହ ଲୋକଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ରନ ଚୌଧୁରୀ ଆଜି କଟକ ଜିଲ୍ଲା କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି। ଶ୍ରୀ ଚୌଧୁରୀ କହିଛନ୍ତି ଯେ କଟକ ସହରର ୟୁନିଟ ନମ୍ବର ୧୦, ୧୧,୧୨, ୧୩,୧୪,୨୦, ୨୧,୨୨ ର ପ୍ରାୟ ୧୦୦ ଏକ ଜାଗା ଉପରେ ୫୦୦୦ ରୁ ଉର୍ଦ୍ଧ୍ୱ କେସ ର ୫୦୦୦ ରୁ ଉର୍ଦ୍ଧ୍ୱ ବାସିନ୍ଦା ନିଜ ଜାଗାର ସ୍ଥିତିବାନ ଷ୍ଟାଟସର ଅଧିକାର ରେକର୍ଡ ପାଇବାରୁ ବଞ୍ଚିତ ହେଉଛନ୍ତି। ଉକ୍ତ ଖାସମାହାଲ ଜାଗା ମାଲିକ ମାନଙ୍କର ପଟ୍ଟାର ମିଆଦ ୧୯୭୩ ମସିହାରେ ସରିଗଲା ପରେ ଏହାର ରିନ୍ୟୁଓ୍ୱାଲ କରାଯାଇନଥିଲା। ୨୦୦୩ ମସିହାରେ ରିନ୍ୟୁଓ୍ୱାଲ ପାଇଁ ଏହି ଜମି ମାଲିକମାନେ ଆବେଦନ କରିଥିଲେ। ସେମାନଙ୍କୁ ପ୍ରଦତ୍ତ ହୋଇଥିବା ଖାସମାହାଲ ପଟ୍ଟାକୁ ସେମାନେ ସ୍ଥିତିବାନ ରେ ପରିଣତ କରିବାପାଇଁ ଆର.ଆଇ, ତହସିଲଦାର, ଉପଜିଲ୍ଲାପାଳ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ବାରମ୍ବାର ଧାଉଁଛନ୍ତି। ମାତ୍ର ଉପରୋକ୍ତ କାର୍ଯ୍ୟାଳୟ ସେହି ଜାଗା ମାଲିକଙ୍କ କାମ ନକରିବାର ଉଦ୍ଦେଶ୍ୟ ରଖି ଗତ ୫୦ ବର୍ଷର ରେକର୍ଡ ମାଗୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ଏହିକିଯେ ଏହି ଜାଗା ମାଲିକମାନେ ଯେତେବେଳେ ଉପରୋକ୍ତ କାର୍ଯ୍ୟାଳୟକୁ ଆବଶ୍ୟକୀୟ କାଗଜପତ୍ର ଦେବାପାଇଁ ଆବେଦନ କରୁଛନ୍ତି ଉକ୍ତ କାର୍ଯ୍ୟାଳୟ ପକ୍ଷରୁ କୁହାଯାଉଛି ଯେ ସେ ସବୁ ଡକ୍ୟୁମେଂଟ ନଷ୍ଟ ହୋଇଯାଇଛି। ତେବେ ଯଦି ସରକାର ଏହି ନିରୀହ ଜନତାଙ୍କୁ ସେହି ଡକ୍ୟୁମେଂଟ ନଦେବେ ତେବେ ସେମାନେ ଏହା ପାଇବେ କିପରି ? କାରଣ ସରକାରଙ୍କ ପକ୍ଷରୁ ସେହି ଲିଜ୍ ସବୁ ଦିଆଯାଇଥିଲା। ବର୍ତମାନ ଏହି ଜାଗା ମାଲିକମାନେ ରେକର୍ଡ ଅଫ ରାଇଟ ନପାଇବା ଫଳରେ କୌଣସି କାର୍ଯ୍ୟ କରିବାପାଇଁ ନିଜ ଜାଗା ଉପରେ ଋଣ କରିପାରୁ ନାହାନ୍ତି। ଭଙ୍ଗାଘରକୁ ସଜାଡ଼ିବା ପାଇଁ, ପିଲାମାନଙ୍କର ପାଠପଢ଼ା ପାଇଁ, ବିବାହ, ବ୍ରତ, ଶୁଦ୍ଧିକ୍ରିୟା ବା ରୋଗବ୍ୟାଧି ରେ ଚିକିତ୍ସା ପାଇଁ ନିଜ ଜାଗା ବନ୍ଧକ ରଖିବା ସମ୍ଭବ ହୋଇପାରୁ ନାହିଁ କାରଣ ଜାଗା ମାଲିକଙ୍କ ପାଖରେ ସ୍ଥିତିବାନ ଷ୍ଟାଟସର ଅଧିକାର ରେକର୍ଡ ନାହିଁ। ୨୦୨୧ ମସିହା ମେ ୪ ତାରିଖରେ ଚିଠି ନମ୍ବର ୪୮୩୮ ର ୧୮୦ଟି ରେକର୍ଡ ଉପରେ ଉପଜିଲ୍ଲାପାଳ କୌଣସି ପଦକ୍ଷେପ ନନେଇ ଏହାକୁ ଫେରାଇ ଦେଇଛନ୍ତି ବୋଲି ଜଣାପଡ଼ିଛି। ପୁଣି ଜିଲ୍ଲାପାଳଙ୍କ ଅଗୋଚରରେ ଉପଜିଲ୍ଲାପାଳ ୧୯.୪.୨୦୨୧ ତାରିଖ ଦିନ ଏ ସଂକ୍ରାନ୍ତରେ ଏକ ନାମକୁ ମାତ୍ର ରିଭିୟୁ ମିଟିଙ୍ଗ ଡକାଇଥିଲେ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ଏହିକି ଯେ କଟକର ୫୦୦୦ ଜାଗା ମାଲିକଙ୍କ ଖାସମାହଲ କେସର ସମାଧାନ ପ୍ରଶାସନ ବର୍ଷ ବର୍ଷ ଧରି କରୁନଥିବା ବେଳେ କଟକର ଜିଲ୍ଲାପାଳ ଭବାନୀ ଶଙ୍କର ଚଇନିଙ୍କ ଜାଗା କେସ ନମ୍ବର ୨୫୫୭/ ୨୦୧୧କୁ ସହଜରେ ରିନ୍ୟୁ କରାଗଲା କିପରି ? କଲେକ୍ଟରଙ୍କର ୟୁନିଟ୍ ୧୩, ଚାନ୍ଦିନୀ ଚୌକ ମୌଜାରେ ଥିବା ୧୦୦ ଡିସିମିଲ ଜାଗା ଖାତା ନମ୍ବର ୫୭୩/ ୪୫୫, ପ୍ଲଟ ନଂ - ୨୯୫୯କୁ ସ୍ଥିତିବାନ ଅବସ୍ଥାକୁ ପରିବର୍ତ୍ତନ କରାଗଲା କେଉଁ ଆଇନ ବଳରେ ? ହେଲେ ଏହି ସମାନ କେସରେ ଅନ୍ୟୁନ ୫୦୦୦ ଜାଗା ମାଲିକଙ୍କୁ ରେକର୍ଡ ଅଫ ରାଇଟ ଦେବାପାଇଁ ଜିଲ୍ଲାପାଳ ଭୁଆଁ ବୁଲାଉଛନ୍ତି କ'ଣ ପାଇଁ? ସେହି ଆଇନ ଏମାନଙ୍କ କ୍ଷେତ୍ରରେ ଲାଗୁହେବ ନାହିଁ କାହିଁକି ? ଜିଲ୍ଲାପାଳ ନିଜ ଜାଗାର ସମସ୍ୟାକୁ ସମାଧାନ କଲେ ହେଲେ କଟକ ସହରର ୫୦୦୦ ନିରୀହ ଖାସମାହଲ ଜାଗା ଅଧିକାରୀଙ୍କ ଦୁଃଖ ଶୁଣିବ କିଏ ? ସଂପୃକ୍ତ ଜାଗା ମାଲିକ ମାନେ ତାଙ୍କର ଦୁଃଖ ନ୍ତ୫ଟି ସଚିବନ୍ତ ବା ନ୍ତମୋ ସରକାରନ୍ତଙ୍କୁ ଲିଖିତ ଆକାରରେ ଜଣାଇଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। ସୁତରାଂ ସରକାର ତୁରନ୍ତ ଏକ ମାସିକିଆ କ୍ୟାମ୍ପକୋଟ ମାଧ୍ୟମରେ କିମ୍ବା ଏକ ଷ୍ଟାଣ୍ଡାର୍ଡ ଅର୍ଡ଼ର ଜାରିକରି ଏହି ଖାସମାହାଲ କେସ୍ ଗୁଡ଼ିକର ସମାଧାନ କରନ୍ତୁ ନହେଲେ ଏହି ୫୦୦୦ ଉପେକ୍ଷିତ ଜାଗା ମାଲିକମାନେ ରାଜରାସ୍ତାକୁ ଓହ୍ଲାଇବେ ଓ କଟକ ଜିଲ୍ଲା କଂଗ୍ରେସ ପକ୍ଷରୁ ଏମାନଙ୍କ ଆନ୍ଦୋଳନକୁ ପୂର୍ଣ୍ଣ ସମର୍ଥନ ଦିଆଯାଇ ତୀବ୍ରତର କରାଯିବ ବୋଲି ଶ୍ରୀ ଚୌଧୁରୀ କହିଛନ୍ତି। ୫ଟି ସଚିବ ଯିଏ କି ଏବେ ଓଡ଼ିଶାରେ ବୁଲିବୁଲି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି ବୋଲି ଦାବି କରୁଛନ୍ତି, ସିଏ ଉପରୋକ୍ତ ଦାବିକୁ ଗୁରୁତ୍ୱର ସହ ବିଚାର କରିବେ ବୋଲି ଆଶା କରୁଛୁ। ଯଦି ଏହି ଦାବିକୁ ସରକାର ଉପେକ୍ଷା କରନ୍ତି ତେବେ ଅଧିକାର ପାଇଁ ଲଢ଼େଇର ଗତି ଯେଉଁ ରୂପ ନେବ ସରକାର ସେଥିପାଇଁ ଦାୟୀ ରହିବେ ବୋଲି କଟକ ଜିଲ୍ଲା କଂଗ୍ରେସ ସଭାପତି ଶ୍ରୀ ମାନସ ଚୌଧୁରୀ ଚେତାବନୀ ଦେଇଛନ୍ତି। ଆଜିର ସାମ୍ବାଦିକ ସମ୍ମିଳନୀରେ ଉପେକ୍ଷିତ ଜାଗା ମାଲିକ ମାନଙ୍କର ପ୍ରତିନିଧି ପତିତପାବନ ମହାରଣା, ରବୀନ ଶତପଥି, ପ୍ରେମାନନ୍ଦ ବେହେରା, ବିଶ୍ୱନାଥ ବେହେରା ଓ ରୀତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray